## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ରାଜଗାଙ୍ଗପୁର (ଡି.ଏନ.ଏ): ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିବା ରାମ ନାଗ (୨୬)ଙ୍କ ମଙ୍ଗଳବାର ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ମାଣ୍ଡିଆକୁଦରଠାରେ ଗତ ୨୧ ତାରିଖ ସନ୍ଧ୍ୟାରେ ଏକ ପିକଅପ୍ ଭ୍ୟାନ (ନଂ. ଓଡି ୧୬ ସି- ୫୫୭୭) ଓଲଟି ପଡିବା ଫଳରେ ଗାଡିର ହେଲପର ରାମ ଆହତ ହୋଇଥିଲେ । ତାଙ୍କୁ ପ୍ରଥମେ ରାଉରକେଲାର ଆଇଜିଏଚ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲ ନିଆଯାଇଥିଲା । ସେଠାରୁ ମଙ୍ଗଳବାର ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

**ସଂକ୍ଷେପରେ**

## ରୋଟାରି କ୍ଲବର ସଦସ୍ୟ ଗ୍ରହଣ ସମାରୋହ

**ସୁନ୍ଦରଗଡ,୨୩।୩(ଡି.ଏନ.ଏ.):** ସୁନ୍ଦରଗଡ ରୋଟାରୀ କ୍ଲବର ସଦସ୍ୟ ଗ୍ରହଣ ସମାରୋହ ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ରୋଟାରୀ ଜିଲା ଗଭର୍ଣ୍ଣର ରୋଟାରିଆନ୍ ଫକୀର ଚରଣ ମହାନ୍ତି ଓ ଆସିଷ୍ଟାଣ୍ଡ ଗଭର୍ଣ୍ଣର ବିନୟ୍ ଗୁପ୍ତାଙ୍କ ଉପସ୍ଥିତିରେ ୧୫ ଜଣଙ୍କୁ କ୍ଲବର ସଦସ୍ୟ ଭାବେ ଗ୍ରହଣ କରାଯାଇ ସ୍ୱାଗତ କରାଯାଇଥିଲା । ରୋଟାରୀ କ୍ଲବ ସଭାପତି ରୋଟାରିଆନ୍ ଡ. ଚିରବ୍ରତ ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ନୂତନ ସଦସ୍ୟମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଯାଇଥିଲା । ସୁନ୍ଦରଗଡ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଇଂ ଦିଲ୍ଲୀପ ପଟେଲ, କୃଷି ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ପଧାନ, ରୋଟାରିଆନ୍ ଆଶୁତୋଷ ପଟେଲ, ଦିଲୀପ ସାହୁ, ଓମପ୍ରକାଶ ସାହୁ, ଜୟନ୍ତ ନାଏକ, ନଦୀମ ରାଜା, ନୀଳମଣି କିଶାନ, କୈଳାଶ ଚନ୍ଦ୍ର ସାହୁ, ଧର୍ମେଶ ପଟେଲ, ସି. ଅଗ୍ରୱାଲ, ପ୍ରତିଭା ମିଶ୍ର ,ସୁସ୍ମିତା ପୁରୋହିତ, ବିଶାଲ ଅଗ୍ରୱାଲ ପ୍ରମୁଖ ନୂତନ ସଦସ୍ୟତା ଗ୍ରହଣ କରିଥିଲେ । ଶୁଭ୍ରେନ୍ଦୁ ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ମହିଳାଙ୍କ ମଧ୍ୟରେ ରୋଷେଇ ପ୍ରତିଯୋଗିତା ହୋଇଥିଲା । କ୍ଲବର ସଂପାଦକ ବାଲଗୋପାଲ ମିଶ୍ର ଧନ୍ୟବାଦ ଦେଇଥିଲେ ।

## ଜନଶୁଣାଣି ଶିବିର

**ସୁନ୍ଦରଗଡ /ହେମଗିର ,୨୩। ୩ (ଡି.ଏନ୍.ଏ.):** ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ହେମଗିର ବ୍ଲକର କାଠଫାଲିଠାରେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଓସିପିଏଲ ତଥା ଓଡିଶା କୋଲ ଆଣ୍ଡ ପାୱାର ଲିମିଟେଡ ତାର ମନୋହରପୁର ଡିପସାଇଡ୍ ( ପାର୍ଶ୍ୱ ଗଭୀର କୋଇଲା ଖଣି) ଖନନ ପାଇଁ ପରିବେଶ ମଞ୍ଜୁରୀ ପାଇଁ ଆବେଦନ କରିଥିଲା । ଏଥିରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଝାରସୁଗୁଡା ଶାଖାର ଆଞ୍ଚଳିକ ଅଧିକାରୀ ହେମେନ୍ଦ୍ର ନାଥ ନାଏକ ଯୋଗ ଦେଇଥିଲେ। ପ୍ରଥମେ ଓସିପିଏଲ କମ୍ପାନୀର ଏଜିଏମ୍ ନିହାର ରଞ୍ଜନ ଶତପଥୀ ଖଣି ହେବା ଦ୍ୱାରା ହେବାକୁ ଥିବା ପ୍ରଦୂଷଣ କିପରି ରୋକାଯିବ ସେନେଇ ବୁଝାଇଥିଲେ ।

# ଜଙ୍ଗଲରେ ନିଆଁ ଲଗାଇଲେ ଲୋକେ

- ଡାଲୁଅ ଧାନ ଖାଇଗଲେ ହାତୀପଲ
- ଗ୍ରାମରେ ଉତ୍ତେଜନା
- ୨ ଦିନ ହେଲା ଜଳୁଛି ଜଙ୍ଗଲ

**କୁତ୍ରା, ୨୩।୩ (ଡି.ଏନ.ଏ)**


ହାତୀ ଘଉଡାଇବା ଲାଗି ଲୋକେ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି ।

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ଗ୍ରୀଷ୍ମ ଆରମ୍ଭରୁ ଗୋଟେ ପରେ ଗୋଟେ ଜଙ୍ଗଲରେ ନିଆଁ ଲାଗିବାରେ ଲାଗିଛି । ବଡଗାଁ ବନାଞ୍ଚଳର ଗେଲେବାହାଲ ବିଟ ଜଙ୍ଗଲ ୨ ଦିନ ହେଲା ଜଳୁଛି । ଏଭଳି ପରିସ୍ଥିତିରେ ବିରିମୁଣ୍ଡା ଗ୍ରାମରେ ହାତୀ ଉପଦ୍ରବ ଦେଖାଦେଇଛି । ଏହି ଗାଁରେ ହୋଇଥିବା ଡାଲୁଅ ଧାନ ହାତୀପଲ ଖାଇଯିବା ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ହାତୀ ଘଉଡାଇବା ପାଇଁ ବନ ବିଭାଗକୁ ଫୋନ କଲେ କେହି ଆସୁ ନ ଥିବା ଦର୍ଶାଇ ଉତ୍ତ୍ୟକ୍ତ ଲୋକେ ଜଙ୍ଗଲରେ ନିଆଁ ଲଗାଇବାକୁ ପଛାଉ ନାହାନ୍ତି । ପ୍ରକାଶ ଯେ, ଏବେ ଗେଲେବାହାଲ ବିଟ ଜଙ୍ଗଲରେ ୧୨ଟି ଝାଡଖଣ୍ଡି ହାତୀ ଥିବା ବେଳେ ଡାଲୁଅ ଧାନ ଖାଇବା ପାଇଁ ଗାଁ ମୁହାଁ ହେଉଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି । ଅପରପକ୍ଷରେ ଜଙ୍ଗଲ ନିଆଁ ଯୋଗୁ ବହୁ ଗଛଲତା ପୋଡି ପାଉଁଶ ହେବା ସହ ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ବନ ବିଭାଗ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ସହ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି।

# ମହିଳା ବନ୍ଦ କଲେ କୋଇଲା ଖଣି

**ସୁନ୍ଦରଗଡ,୨୩।୩(ଡି.ଏନ୍.ଏ.)**

**କ୍ଷତିପୂରଣ ଓ ଥଇଥାନ ଦାବି**

ସୁନ୍ଦରଗଡ ଜିଲା ହେମଗିରି ବ୍ଲକରେ ଥିବା ଏନଟିପିସି ଡୁଲଙ୍ଗା କୋଇଲା ଖଣି ଦ୍ୱାରା ବିସ୍ଥାପିତ ପରିବାରଙ୍କ ଝିଅମାନଙ୍କୁ କ୍ଷତିପୂରଣ ଓ ଥଇଥାନ ଦାବିରେ ଚାଲିଥିବା ଧାରଣା ୫୩ ଦିନରେ ପହଞ୍ଚିଛି। ମଙ୍ଗଳବାର ଧାରଣାରତ ପ୍ରାୟ ୨୬ରୁ ଊର୍ଦ୍ଧ୍ୱ ମହିଳା ପ୍ରଶାସନର ନିଷ୍କ୍ରିୟତା ପ୍ରତିବାଦରେ ଏହି କୋଇଲା ଖଣିକୁ ବନ୍ଦ କରି ଦେଇଛନ୍ତି । ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ହେଁ ସମାଧାନର କୌଣସି ରାସ୍ତା ବାହାରି ପାରିନାହିଁ। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ ବିସ୍ଥାପିତ ହୋଇଥିବା ପରିବାର ମଧ୍ୟରୁ ବିବାହିତ ମହିଳାମାନଙ୍କୁ କ୍ଷତିପୂରଣ ପ୍ରଦାନ ଓ ଥଇଥାନରୁ ବାଦ ଦିଆଯାଇଛି। ଏନେଇ ଜିଲା ପ୍ରଶାସନଠାରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ସେମାନେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଥିବା ପ୍ରକାଶ କରିଛନ୍ତି। ଅପରପକ୍ଷେ ଖଣି ମୁଖ୍ୟ ସି.ଆର. ବାରିକ କହଛନ୍ତି ଯେ, ପୁର୍ନବାସ ଓ ଥଇଥାନ ନୀତି ଅନୁଯାୟୀ ପ୍ରଶାସନ ପକ୍ଷରୁ ହୋଇଥିବା ତାଲିକା ମୁତାବକ ବିସ୍ଥାପିତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବା ସହ ଥଇଥାନ କରାଯାଇଛି। ଖବର ଲେଖା ହେବା ବେଳକୁ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ପୋଲିସ ଅଧିକାରୀ ଓ ଡୁଲଙ୍ଗା କୋଇଲା ଖଣି ଅଧିକାରୀମାନେ ଆନ୍ଦୋଳନ କାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି।

# ଶହୀଦ ଭଗତ ସିଂଙ୍କ ଫାଶୀ ଦିବସରେ ମାଲ୍ୟାର୍ପଣ

**ରାଉରକେଲା ଅଫିସ୍/ ବେଦବ୍ୟାସ,୨୩।୩(ଡି.ଏନ.ଏ)**


ଶହୀଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

ଭାରତ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ଯୋଦ୍ଧା, ସଂଗ୍ରାମୀ ଶହୀଦ ଭଗତ ସିଂ, ସୁକଦେବ ଓ ରାଜଗୁରୁଙ୍କ ୯୦ତମ ଫାଶୀ ଦିବସ ଅବସରରେ ମଙ୍ଗଳବାର ଛେଣ୍ଡ୍ କଲୋନୀ ସ୍ଥିତ ଶହୀଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ କରାଯାଇଛି । କାର୍ଯ୍ୟକ୍ରମରେ ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ, ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ବିଶିଷ୍ଟ ସ୍ତମ୍ଭକାର, ସାହିତ୍ୟକ ଭୂପେନ ମହାପାତ୍ର, ସିପିଆଇ (ଏମ୍) ଜିଲା ସମ୍ପାଦକ ପ୍ରମୋଦ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଶହୀଦଙ୍କୁ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଭାରତ ସ୍ୱାଧୀନତା ଆନ୍ଦୋଳନରେ ଶହୀଦ ଭଗତ ସିଂଙ୍କ ପ୍ରମୁଖ ଭୂମିକା ରହିଥିଲା ବୋଲି ଅତିଥିମାନେ କହିଥିଲେ। ଡିୱାଇଏଫଆଇ ଜିଲା ସଭାପତି ରାଜକିଶୋର ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ସ୍ମୃତି କମିଟିର ଉପାଧ୍ୟକ୍ଷ ଚନ୍ଦ୍ରଭାନୁ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସୁଜୟ ପାଣି, ଶ୍ରମିକ ନେତା ଜାହାଙ୍ଗିର ମଲି, ବିମଳ ମାଇତି, ଇନ୍ଦ୍ରଜିତ ସିଂହ, ଯୁବ ନେତା ଶେଖର ଶର୍ମା, ଶ୍ରମିକ ନେତା ଏନଏନ ପାଣିଗ୍ରାହୀ, ସମାତି ସାହୁ, ପ୍ରଭାତ ମହାନ୍ତି, ଜଗନ୍ନାଥ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ। ସ୍ମୃତି କମିଟି ସାଧାରଣ ସମ୍ପାଦକ ବିଶ୍ୱଜିତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ, ଭାରତର ଛାତ୍ର ଫେଡେରେସନ ସୁନ୍ଦରଗଡ ଜିଲା କମିଟି ଏବଂ ଶହୀଦ ଭଗତ ସିଂ ସ୍ମୃତି କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ତାଲିମ ଶିବିର

**ସୁନ୍ଦରଗଡ,୨୩।୩(ଡି.ଏନ୍.ଏ.)**

ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ପଟୁଆଡିହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କ ଏକ କ୍ଲଷ୍ଟରସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଲେରିଆ ମିଞ୍ଜ ଯୋଗଦେଇ ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ କୁମୁଦିନୀ କିରୋଙ୍କ ତତ୍ତ୍ୱାବଧାନରେ ଏହି ତାଲିମ ଶିବିରରେ ଗିରିଙ୍ଗକେଲା କ୍ଲଷ୍ଟରର ୩୦ଜଣ ଅଭିଭାବକ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସୁନ୍ଦରଗଡ ତରଫରୁ ଜିଲାର ଭିନ୍ନକ୍ଷମଙ୍କ ଲାଗି ବିଭିନ୍ନ ସହାୟତା ଯୋଜନା କାର୍ଯ୍ୟକାରୀ ହେଉଛି। ଏଗୁଡିକ ମଧ୍ୟରେ ବାଣୀଶ୍ରୀ ବୃତ୍ତି, ଜାତୀୟ ବୃତ୍ତି, ବିବାହ ପ୍ରୋତ୍ସାହନ, ଦୃଷ୍ଟିହୀନଙ୍କ ପାଇଁ ଲାପଟପ୍, ଗ୍ରାମୀଣ ଆବାସ ଯୋଜନା, ବସପାସ୍, ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ, ସହାୟତା ଉପକରଣ ଓ କୃତ୍ରିମ ଅଙ୍ଗ ଆଦି ଅର୍ନ୍ତନିବେଶୀ ଶିକ୍ଷା ଯୋଜନାରେ ଉପଲବ୍ଧ ଥିବା ସଂପର୍କରେ ଅଭିଭାବକମାନଙ୍କୁ ସୂଚନା ଦିଆଯାଇଥିଲା। ଏଥିସହ ଭିନ୍ନକ୍ଷମ ପିଲାଙ୍କ ଯତ୍ନ ତଥା ଶାରିରୀକ ଓ ମାନସିକ ଅଭିବୃଦ୍ଧି କିପରି ହେବ ସେନେଇ ମଧ୍ୟ ଅବଗତ କରାଯାଇଥିଲା। ତାଲିମ ଶିବିରରେ ତାଲିମଦାତା ଭାବେ ସିଆରସିସି କମଳଲୋଚନ ମାଝୀ ,ଅର୍ନ୍ତନିବେଶି ଶିକ୍ଷା ସ୍ୱେଚ୍ଛାସେବୀ ପପୁ ପ୍ରସାଦ ସିଂ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ପଟୁଆଡିହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅନ୍ୟ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ ତାଲିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ବାଘ ଛାଲ ଜବତ, ୨ ବ୍ୟବସାୟୀ ଗିରଫ

**ଦେବଗଡ଼,୨୩।୩(ଡି.ଏନ.ଏ)**


ଜବତ ବାଘ ଛାଲ ଏବଂ ଗିରଫ ଦୁଇ ଅଭିଯୁକ୍ତ ।

କଲରାପତରିଆ ବାଘ ଛାଲ ବିକ୍ରି ଯୋଜନା ବେଳେ ସୋମବାର ଏସ୍‌ଟିଏଫ୍ ପକ୍ଷରୁ ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳରେ ଅଚାନକ ଚଢାଉ କରାଯାଇଥିଲା। ଚଢାଉ ବେଳେ କଲରାପତରିଆ ବାଘ ଛାଲ, ବାଘ ନିଶ, ନଖ, ପଞ୍ଝା ଓ ଦାନ୍ତ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୨ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବାରକୋଟ ଥାନା ସାଲୋହୀ ଗ୍ରାମର ସୋମନାଥ ପାତ୍ର ଓ ରାଜୀବ ଲୋଚନ ପାତ୍ର। ମଙ୍ଗଳବାର ଡାକ୍ତରୀ ପରୀକ୍ଷା ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏ ନେଇ ଏସ୍‌ଟିଏଫ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।

ସୂଚନା ଅନୁସାରେ, ସୋମନାଥ ଓ ରାଜୀବ ଏକ କଲରାପତରିଆ ବାଘ ଛାଲ କିଣାବିକା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା କୌଣସି ସୂତ୍ରରୁ ଏସ୍‌ଟିଏଫ୍‌କୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଡିଏସ୍‌ପି ପ୍ରବୀଣ କୁମାର ତ୍ରିପାଠୀ ଓ ଏସ୍‌ଆଇ ତୃପ୍ତି ରଞ୍ଜନ ଦାଶଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଅଚାନକ ଚଢାଉ କରିଥିଲେ।

# ଭତ୍ତା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଭତ୍ତା ଆଶାୟୀ।

**ଦେବଗଡ଼,୨୩।୩(ଡି.ଏନ.ଏ)**

ଦୀର୍ଘ ୬ ମାସ ତଳେ ଭତ୍ତା ପାଇଁ ଆବେଦନ କରିଥିଲେ। ମାତ୍ର ଅଦ୍ୟାବଧି ସେମାନଙ୍କୁ ମିଳିନାହିଁ। ଫଳରେ ମଙ୍ଗଳବାର ବାରକୋଟ ବ୍ଲକ ବମ୍ପରଡା ଗ୍ରାମ ପଞ୍ଚାୟତ ଅଧୀନ ବମ୍ପରଡା, ବିଦେଇବଡକୁଦର, ଭକ୍ତବଡକୁଦର, ଝରବାହାଲ, ନେତ୍ରାବାହାଲ, କଲାଡ଼ୁ, ମହୁଲଡିହା, ପତ୍ରାପାଲି, ବୁଢାଖମଣ ଓ ଖଳୀନାଳି ଗ୍ରାମର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବିଧବା, ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଭତ୍ତା ପାଇଁ ପୁଣିଥରେ ଦେବଗଡ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ଗ୍ରାମଗୁଡିକର ପ୍ରାୟ ୮୦ ଜଣ ଭତ୍ତା ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୧୦ ଜଣଙ୍କୁ ଭତ୍ତା ମିଳୁଥିବା ବେଳେ ଅନ୍ୟମାନେ ଯୋଗ୍ୟତା ଥାଇ ମଧ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ଭତ୍ତା ପ୍ରଦାନ ପାଇଁ ସେମାନେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ଶ୍ରୁତିସୁଧା ସାହିତ୍ୟ ସଂସଦର ବାର୍ଷିକୋତ୍ସବ

**ବଡଗାଁ,୨୩।୩(ଡି.ଏନ.ଏ)**


ବାର୍ଷିକୋତ୍ସବରେ ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ପାମରା ପଞ୍ଚାୟତର ଚଟୁବୁଡ ଗ୍ରାମରେ ଶ୍ରୁତିସୁଧା ସାହିତ୍ୟ ସଂସଦ, ପାମରାର ତୃତୀୟ ବାର୍ଷିକ ଉତ୍ସବ ଓ କବି, କଳାକାର ସମାବେଶ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ପ୍ରଥମ ଦିନରେ ବିଶିଷ୍ଟ ଗାଳ୍ପିକ ହୃଦାନନ୍ଦ ପଟେଲ ଓ ଭୁବନେଶ୍ୱରସ୍ଥିତ ପ୍ରଜ୍ଞା କଲେଜର ଅଧ୍ୟକ୍ଷ ଡ. ବୈରାଗୀ ଚରଣ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦଘାଟନ କରିଥିଲେ । ଏହାପରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ କ୍ଷେତ୍ରରେ ପାଲାର ଭୂମିକା ଉପରେ ଆଲୋଚନାଚକ୍ର ହୋଇଥିଲା । ଦ୍ୱିତୀୟ ଦିବସରେ ତଲସରା ବିଧାୟକ ଭବାନୀଶଙ୍କର ଭୋଇ, ବିଡିଓ କ୍ଷମାନିଧି ଭୋଇ, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ ଅତିଥି ଭାବେ ଯୋଗ ଦେଇଥିଲେ । ଦ୍ୱିତୀୟ ଦିବସରେ ଓଡିଆ ଭାଷାର ବିକାଶ କ୍ଷେତ୍ରରେ ପଶ୍ଚିମ ଓଡିଶାର କବିମାନଙ୍କ ଅବଦାନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଉରକେଲା ଆକାଶବାଣୀର ସ୍ୱର ସଂଯୋଜକ ରମେଶ ଚନ୍ଦ୍ର ସୁନାଙ୍କୁ ସଂସ୍କୃତି ମିତ୍ର, ବେଗୁନିଆ ଖୋର୍ଦ୍ଧାର ଭାଷାରତ୍ନ ଖଗେଶ୍ୱର ମିର୍ଦ୍ଧାଙ୍କୁ ଗାୟକ ସମ୍ରାଟ, ବଣେଇର ପାଲା ଗାୟକ ଖଗେଶ୍ୱର ବାରିକଙ୍କୁ ଗାୟକ ପ୍ରଦୀପ, ସମ୍ବଲପୁରର ପାଲା ଗାୟକ ରାଧେଶ୍ୟାମ ପଣ୍ଡାଙ୍କୁ ଗାୟକ ରତ୍ନ, ହେମଗିରର ପାଲା ଗାୟକ ଭଗବାନ ସାଙ୍କୁ ଗାୟକ ପୀୟୁଷ, କୁତ୍ରା ବ୍ଲକ ରାଏବାହାଲ ଗାଁର ଜଗଦୀଶ ବରୁଆଙ୍କୁ ପାଲିଆ ସ୍ୱରସୁଧା ଉପାଧିରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଦିବସରେ ବିଜେଡିର ରାଜ୍ୟ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ମୁଖ୍ୟ ସଂଯୋଜକ ରବି ନାରାୟଣ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ । ସାହିତ୍ୟ ସଂସଦର ସମ୍ପାଦକ ଫକୀର ମୋହନ ବାଡା, ସଭାପତି ନରେନ୍ଦ୍ର କୁମାର ବାରିକ, ଯୁଗ୍ମ ସମ୍ପାଦକ ଦୟାସାଗର ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

# ଓରାମ ସାଂସ୍କୃତିକ ସମାଜ ସମ୍ମିଳନୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

**ସୁନ୍ଦରଗଡ ,୨୩।୩ (ଡି.ଏନ୍.ଏ.)**

ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମଙ୍କ ଦ୍ୱାରା ତଲସରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଶଙ୍କରା ୨୩ ମାଇଲ ମହୁଲ ଗାଁ ପ୍ରାଙ୍ଗଣରେ ଓରାମ ସାଂସ୍କୃତିକ ସମାଜ ସମ୍ମିଳନୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏଥିପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଅର୍ଥ ମଞ୍ଜୁର ହୋଇଛି । ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ସମ୍ମିଳନୀ ଗୃହ ନିର୍ମାଣ କରାଯିବ। ଏହି ସମାରୋହରେ ତଲସରା ବିଧାୟକ ଭବାନୀ ଶଙ୍କର ଭୋଇ, ବରିଷ୍ଠ ଭାଜପା ନେତା ସହଦେବ ଖାଖା, ଉଚ୍ଛବ ତନ୍ତୀ, ମହୁଲଗାଁ ପ୍ରଗଣା ଓରାମ ସାଂସ୍କୃତିକ ସମାଜର ସଭାପତି ବିରୀତ କୁମାର ଟପ୍ପୋ ,ଜିଲାପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା ,ଅନୁସୂଚିତ ଜନଜାତି ମୋର୍ଚ୍ଚା ଜିଲା ସଭାପତି ବାଲକୃଷ୍ଣ ଓରାମ, ପର୍ଶୁରାମ ପଟେଲ, କୃଷକ ମୋର୍ଚ୍ଚା ଜିଲା ସଭାପତି ରବିଚନ୍ଦ୍ର ପଟେଲ, ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲା ସଭାପତି ସୀମେଶ୍ୱର ଲରିଆଙ୍କ ସମେତ ଭାଜପାର ବହୁ ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବରେ ଏମ୍‌ପି ଜୁଏଲ ଓରାମ ଓ ଅନ୍ୟମାନେ।

# ଆର୍‌ଜିଏଚ୍ ସମସ୍ୟା ନେଇ ଧାରଣା

**ରାଉରକେଲା, ୨୩।୩**



ଧାରଣା କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ ଓ କର୍ମୀ ।

**ଦ୍ୱିତୀୟ ଦିନରେ ବି ହେଲାନି ସମାଧାନ**

ରାଉରକେଲା ସରକାରୀ ଡାକ୍ତରଖାନାର ଶଯ୍ୟା ସଂଖ୍ୟା ୪ଶହକୁ ବୃଦ୍ଧି କରିବା ସହିତ ତଦନୁଯାୟୀ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ଦାବିରେ କଂଗ୍ରେସ ପକ୍ଷରୁ ଚାଲିଥିବା ଗଣଧାରଣା ମଙ୍ଗଳବାର ଦ୍ୱିତୀୟ ଦିବସରେ ପହଞ୍ଚିଛି । ପୂର୍ବତନ ଜିଲା କଂଗ୍ରେସ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଦିବସ ଗଣଧାରଣାରେ ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପୂର୍ବତନ ପିସିସି ସମ୍ପାଦକ ସବୀର ହୁସେନ ଓ ଗଣେଶ ପ୍ରଧାନ, ପିସିସି ସଭ୍ୟ ପ୍ରଭାତୀ ମିଶ୍ର ଓ ଦେବବ୍ରତ ବିହାରୀ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂ, ସେବାଦଳ ଅଧ୍ୟକ୍ଷ ବିନୋଦ ରାଉତ, ବ୍ଲକ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, ଯୁବନେତା ଦିଲ୍ଲୀପ ଲାହିରି, ଓବିସି ସେଲ୍ ଅଧ୍ୟକ୍ଷ କୈଳାସ ସାହୁ ପ୍ରମୁଖ ବକ୍ତବ୍ୟ ଦେଇ ରାଜ୍ୟ ସରକାର ରାଉରକେଲା ସରକାରୀ ଡାକ୍ତରଖାନା ପ୍ରତି କରୁଥିବା ଅବହେଳାର ତୀବ୍ର ନିନ୍ଦା କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କଂଗ୍ରେସ ନେତୃବୃନ୍ଦ ଚେତାବନୀ ଦେଇଥିଲେ। ହସ୍‌ପିଟାଲର ନିର୍ଦ୍ଦେଶକ ଧାରଣାସ୍ଥଳକୁ ଆସି କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନଙ୍କୁ ଧାରଣା ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ ଏବଂ କଂଗ୍ରେସର ଦାବିଗୁଡିକ ସକ୍ରିୟ ବିଚାରାଧୀନ ଅଛି ବୋଲି କହିଥିଲେ। ବୁଧବାର କ୍ରମାଗତ ତୃତୀୟ ଦିନ ପାଇଁ ଧାରଣା ଅନୁଷ୍ଠିତ ହେବା ସହିତ ଅପରାହ୍ନରେ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଯିବ। ରଘୁନାଥପାଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, ଚିତ୍ତରଞ୍ଜନ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଧୁସା ନାୟକ, ଯୁବନେତା ଅନୀଲ ଗୁରୁଙ୍ଗ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଛାତ୍ରନେତା ସୁନୀଲ ନାୟକଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଗଣଧାରଣା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୪ ମାର୍ଚ୍ଚ, ୨୦୨୧



## ଚୋରା କୋଇଲା କାରବାର: ୨ ଡ୍ରାଇଭର ଗିରଫ

ରେଢାଖୋଲ,(ଡି.ଏନ.ଏ.): ରେଢାଖୋଲ ଥାନା ସାଧୁମୁଣ୍ଡା ଗ୍ରାମ ନିକଟ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱ ଜଙ୍ଗଲରେ ଗତ ୧୨ ତାରିଖ ରାତରେ ବାଲାଜି ରୋଡ୍ ଲାଇନ୍ସର ୨ ଟ୍ରକରୁ କୋଇଲା ଚୋରା କାରବାର ଘଟଣାରେ ପୋଲିସ ୨ ଚାଳକଙ୍କୁ ଗିରଫ କରିଛି। ସେମାନେ ହେଲେ ରାଜସ୍ଥାନ ରାଜ୍ୟ ବିକାନିର ଜିଲା କହଜୁୱାଲ ଥାନା ସିସର ଗ୍ରାମର ରାଜ ରୁଫ (୨୫) ଓ ଝାଜ୍ଜର ଗ୍ରାମର ଭଓଁରଲାଲ (୨୭) ବୋଲି ଏସ୍ଆଇ ସୌମ୍ୟରଞ୍ଜନ ମହାଲିକ କହିଛନ୍ତି। ଜଣେ କମ୍ପାନୀ ଅଧିକାରୀଙ୍କ ଅଭିଯୋଗ କ୍ରମେ ରୁଜୁ ହୋଇଥିବା କେସ୍ ନଂ. ୫୨ ଦଫା ୪୦୮,୪୧୧ରେ ମଙ୍ଗଳବାର ଗିରଫ ଟ୍ରକ ଡ୍ରାଇଭର ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ରାଜ୍ୟସ୍ତରୀୟ ଖେଳ ଶିକ୍ଷକ ପ୍ରଶିକ୍ଷଣ ଶିବିର, ଭିଏସ୍ଏସ୍ ଇଣ୍ଡୋର ଷ୍ଟାଡିୟମ, ସକାଳ ୮ଟା ।
- ସ୍ୱାଧୀନତା ସଂଗ୍ରାମୀ ନୃସିଂହଗୁରୁ ଜନ୍ମତିଥିରେ ମାଲ୍ୟାର୍ପଣ, ମନ୍ଦଲିଆସ୍ଥିତ ପ୍ରତିମୂର୍ତ୍ତି, ପୂର୍ବାହ୍ନ ୯ଟା ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ଗୁରୁତର, ରାସ୍ତାରୋକୋ

**ପଡ଼ିଆବାହାଲ, ୨୩।୩(ଡି.ଏନ.ଏ.):** ଯୁଯୁମୁରା ବ୍ଲକ ସଦର ଥାନା ଅନ୍ତର୍ଗତ କଦଳୀମୁଣ୍ଡା-ଭଣ୍ଡାରୀମାଳ ରାସ୍ତାରେ ମଙ୍ଗଳବାର ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ପଟୁଆମାହାନ ଗ୍ରାମର ପବିତ୍ର ମିର୍ଦ୍ଧା (୩୫)। ସୂଚନା ଅନୁସାରେ ପବିତ୍ର ପଡିଆବାହାଲ ହାଟକୁ ସାଇକେଲରେ ଯାଉଥିବାବେଳେ ଓଡି୧୫ଏଫ-୬୮୬୮ନଂ. ହାଇୱା ପଛପଟରୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବା ପରେ ହାଇୱା ତାଙ୍କ ଗୋଡ ଉପରେ ଚଢିଯାଇଥିଲା। ଏଥିରେ ତାଙ୍କ ଗୋଡ ଭାଙ୍ଗିଯାଇଛି। ଦୁର୍ଘଟଣା ପରେ ଡ୍ରାଇଭର ଓ ହେଲପର ଗାଡି ଛାଡି ଫେରାର ହୋଇ ଯାଇଛନ୍ତି। ସ୍ଥାନୀୟ ଲୋକେ ପବିତ୍ରଙ୍କୁ ଡାକ୍ତରଖାନା ପଠାଇ ଚିକିତ୍ସା ଖର୍ଚ୍ଚ ଦାବିକରି ରାସ୍ତା ଅବରୋଧ କରିଥିଲେ। ସଦର ଥାନାଧିକାରୀ, ସ୍ଥାନୀୟ ସରପଞ୍ଚ ମିତ୍ରଭାନୁ ପ୍ରଧାନ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ।

### ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୨୩।୩(ବ୍ୟୁରୋ):** ସମ୍ବଲପୁର ଜିଲା ପ୍ରଶସନ ପକ୍ଷରୁ ଓଡ଼ିଶା ଦିବସ ପାଳନ ପାଇଁ ମଙ୍ଗଳବାର ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଡିଏମ୍ ଉମାକାନ୍ତ ରାଜ, ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ, ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ, ଡିଏସ୍ପି (ଡିଆଇବି) ଜେମସ ସାମଦ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚସ୍ମିତା ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ରୀନାରାନି ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯିବା ସହ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। କୋଭିଡ୍ କଟକଣା ପାଳନ କରି କାର୍ଯ୍ୟ କରାଯିବାକୁ ସ୍ଥିର ହୋଇଥିଲା।

### ବନଦୁର୍ଗା ମନ୍ଦିର କୁମ୍ଭାଭରଣ ଉତ୍ସବ ଆଜି

**ପଡିଆବାହାଲ, ୨୩।୩ (ଡି.ଏନ.ଏ.):** ବହୁ ପ୍ରତିକ୍ଷିତ ବଡରମା ମନ୍ଦିରର କୁମ୍ଭ ଭରଣ ଓ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହେବ। ସେହିପରି ଆସନ୍ତା ଏପ୍ରିଲ ୧୬ ତାରିଖରେ କଳସ ଯାତ୍ରା ଆରମ୍ଭ ହୋଇ ପର୍ଯ୍ୟାୟକ୍ରମେ ହୋମ ଯଜ୍ଞ ଓ ୨୦ ତାରିଖରେ ପ୍ରତିଷ୍ଠା ଉତ୍ସବ ସମାପିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

### ଧର୍ମପରାୟଣ ମହିଳାଙ୍କ ଦେହାନ୍ତ

**ଝାରସୁଗୁଡ଼ା ଅଫିସ୍, ୨୩।୩:** ଝାରସୁଗୁଡା ଜିଲା ଲଇକେରା ଗ୍ରାମର ଧର୍ମପରାୟଣ ମହିଳା ତୁଳସା ବେହେରା (୮୭)ଙ୍କ ମଙ୍ଗଳବାର ଦେହାନ୍ତ ହୋଇଛି। ଏହି ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ମରଶରୀର ନିକଟରେ ବଡପୁଅ ମୋତିଲାଲ ବେହେରା, ସାନପୁଅ ପୂର୍ବତନ ଜିଲାପରିଷଦ ଭୂପାଳ ବେହେରା, ନାତି ଲଇକେରା ଧରିତ୍ରୀ ଖବରଦାତା ଦେବେନ୍ଦ୍ର ବେହେରାଙ୍କ ସମେତ ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ୨ପୁଅ ମୁଖାଗ୍ନି ଦେଇଥିଲେ।

### ଏସ୍ୟୁ କୁଳପତିଙ୍କ ମା ଝାଡ଼େଶ୍ୱରୀ ମହାବିଦ୍ୟାଳୟ ପରିଦର୍ଶନ

**ଧମା, ୨୩।୩ (ଡି.ଏନ.ଏ.):** ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍ୟୁ) କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ସହଧର୍ମିଣୀ ସୁନୀତା ମିତ୍ତଲ ଓ ସିଣ୍ଡିକେଟ ସଭ୍ୟ ଅଶ୍ୱିନୀ କୁମାର ସାହୁଙ୍କ ସହ ସୋମବାର ମା ଝାଡେଶ୍ୱରୀ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ତରଫରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ମିତ୍ତଲ ପାରମ୍ପରିକ ଚିନ୍ତାଧାରାକୁ ଛାଡି ନୂତନ ଆତ୍ମନିର୍ଭରତା ରାସ୍ତା ଆପଣେଇବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

# ୨୨ବର୍ଷ ହେଲା ଖଟିଆରେ ବିତୁଛି ଜୀବନ

**ନାକଟିଦେଉଳ, ୨୩।୩(ଡି.ଏନ.ଏ.)**

ଜନ୍ମରୁ ଦିବ୍ୟାଙ୍ଗ ଥିବା ଝିଅ ଦୀର୍ଘ ୨୨ବର୍ଷ ହେଲା ଖଟିଆରେ ଜୀବନ ବିତାଉଛନ୍ତି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜାମୁଯୋରୀ ପଞ୍ଚାୟତର ଚବଚଡ଼ି ଗ୍ରାମରେ। ୨୨ବର୍ଷ ପୂର୍ବେ ଗ୍ରାମର କରୁଣାକର ବେହେରା ଓ କ୍ଷୀରୋଦିନୀ ବେହେରାଙ୍କର କୋଳମଣ୍ଡନ କରିଥିଲା ଝିଅ ପୁଷ୍ପାଞ୍ଜଳି। ଏହି ଦମ୍ପତିଙ୍କର ୨ଟି ପୁଅ ଓ ଗୋଟିଏ ଝିଅ ଅଛନ୍ତି। ତେବେ ପୁଷ୍ପାଞ୍ଜଳି ମା'ବାପାଙ୍କର ପ୍ରଥମ ସନ୍ତାନ। ଜନ୍ମରୁ ଦିବ୍ୟାଙ୍ଗ ପୁଷ୍ପାଞ୍ଜଳି ୨୨ବର୍ଷ ହେଲା ଦୁର୍ବିଷହ ଜୀବନ ବିତାଉଛନ୍ତି। ଜନ୍ମ ପରେ ଝିଅର ଶରୀର ଗଠନ ଦେଖି ମା'ବାପା ଅଧୈର୍ଯ୍ୟ ହୋଇପଡ଼ିଥିଲେ। ରେଢାଖୋଲ ଡାକ୍ତରଖାନାରେ ଜନ୍ମ ପରେ ଡାକ୍ତର ଝିଅକୁ ସମ୍ବଲପୁର ପଠାଇଦେଇଥିଲେ। ସେଠାରୁ ଡାକ୍ତର ତାଙ୍କୁ କଟକ ଶିଶୁଭବନକୁ ପଠାଇ ଦେଇଥିଲେ। ସେଠାରେ ଡାକ୍ତର ଶିଶୁକନ୍ୟାକୁ ପରୀକ୍ଷା କରି ଔଷଧ ଦେଇ କିଛିମାସ ପରେ ଆସିବାକୁ ପରାମର୍ଶ ଦେଇଥିଲେ। ସେ ସମୟରେ କରୁଣାକରଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ କରୁଣାକର ଆଉ ଝିଅକୁ କଟକ ନେଇପାରି ନ ଥିଲେ। ବୟସ ବଢିବା ସହ ପୁଷ୍ପାଞ୍ଜଳିଙ୍କ ଦୁର୍ବିଷହ ଜୀବନ ଆରମ୍ଭ ହୋଇଥିଲା। ଉଠିବସି ପାରୁ ନ ଥିବା ଓ କଥାବାର୍ତ୍ତା କରିପାରୁ ନ ଥିବା ପୁଷ୍ପାଞ୍ଜଳି ଏବେ ଘର ଭିତରେ ପଡ଼ିରହିଛନ୍ତି। କେତେବେଳେ ଖଟିଆ ଉପରେ ଆଣ୍ଠୁମାଡ଼ି ଶୋଇ ରହୁଛି ତ ଆଉ କେତେବେଳେ ପରିବାର ଲୋକେ ତାଙ୍କୁ ଧରି ତଳେ ବସାଇ ଦେଉଛନ୍ତି। ହାତଗୋଡ଼ ଚଳୁ ନ ଥିବାରୁ ବାପାମାଆଙ୍କୁ ଖୁଆଇବାକୁ ପଡୁଛି। ବାପାମାଆ ଓ ଆଇ ତା'ର ସେବାସୁଶ୍ରୁଷା କରୁଛନ୍ତି। ଅପରପକ୍ଷେ ତାଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗରୁ ୯୦ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି। ସରକାରଙ୍କ ମାସିକ ୫ଶହ ଟଙ୍କା ଭତ୍ତା ମିଳୁଛି। ଏକବର୍ଷ ହେବ ଖାଦ୍ୟସୁରକ୍ଷା ଯୋଜନାରେ ତାଙ୍କୁ ମାସିକ ୫କେଜି ଚାଉଳ ମିଳୁଥିଲେ ହେଁ ଗତ ନଭେମ୍ବର ମାସଠାରୁ ଆଉ ମିଳୁନାହିଁ। ଦିବ୍ୟାଙ୍ଗଙ୍କ ପୁନର୍ବାସ ଓ ଥଇଥାନ ପାଇଁ ସରକାର ବିଭିନ୍ନ ଉପକରଣ ଯୋଗାଇ ଦେଉଥିଲେ ମଧ୍ୟ ତାଙ୍କୁ ଟ୍ରାଇ ସାଇକେଲ ଖଣ୍ଡିଏ ମଧ୍ୟ ମିଳିପାରି ନାହିଁ। ଝିଅକୁ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ କରିବା ସହ ଟ୍ରାଇସାଇକେଲ ଯୋଗାଇଦେବାକୁ ମା'ବାପା ନିବେଦନ କରିଛନ୍ତି। ଏ ସମ୍ପର୍କରେ ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ବର୍ତ୍ତମାନ ଆପଣଙ୍କଠାରୁ ଜାଣିବାକୁ ପାଇଲି। କେଉଁ ପରିସ୍ଥିତିରେ ଦିବ୍ୟାଙ୍ଗ ଝିଅକୁ ମିଳୁଥିବା ଚାଉଳ ବନ୍ଦ ରହିଛି ସେ ନେଇ ଯୋଗାଣ ନିରୀକ୍ଷକଙ୍କ ସହ କଥାହେବି। ତୁରନ୍ତ ଯେପରି ତାଙ୍କୁ ଚାଉଳ ମିଳିବ ସେ ନେଇ ପଦକ୍ଷେପ ନିଆଯିବ ଓ ଟ୍ରାଇସାଇକେଲ ଶୀଘ୍ର ଯୋଗାଇ ଦିଆଯିବ।



ମା'ବାପାଙ୍କ ସହ ପୁଷ୍ପାଞ୍ଜଳି।



ଗାନ୍ଧୀଙ୍କ ଓଡିଶା ଆଗମନରେ ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ମଙ୍ଗଳବାର ସମ୍ବଲପୁର ହାୱା ମଇଦାନସ୍ଥିତ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନର ଅଧିକାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

## ହାତୀ ଆକ୍ରମଣରେ ଗଲା ୨ଶ୍ରମିକଙ୍କ ଜୀବନ

**ସମ୍ବଲପୁର, ୨୩।୩ (ବ୍ୟୁରୋ)**

ସମ୍ବଲପୁର ସଦର ରେଞ୍ଜ କୁଢେର୍ରନିସା ଜଙ୍ଗଲ ସମୀପ କୁଢେର୍ରନିସା ଗ୍ରାମରେ ମଙ୍ଗଳବାର ରାତିରେ ଦନ୍ତାହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ ଜିଲା ଅତାବିରା ଥାନା ଅଧୀନ ଜୁମେନ ଗ୍ରାମର ଜୟଲାଲ ମିର୍ଦ୍ଧା(୫୫) ଓ ତେଲେଙ୍ଗା ଓରାମ(୫୦)। ଉଭୟେ ବନ ନିଗମ ଅଧୀନରେ ଶ୍ରମିକଭାବେ ବାଉଁଶ କାଟିବା କାମରେ ନିୟୋଜିତ ଥିଲେ। ରାତି ପ୍ରାୟ ୯ଟାରେ ଉଭୟେ କାମ ସାରି ଚାଳଘରେ ବିଶ୍ରାମ ନେଉଥିବାବେଳେ ହାତୀ ଘରଭାଙ୍ଗି ଉଭୟଙ୍କୁ ଅକ୍ରମଣ କରିଥିଲା। ଘଟଣାସ୍ଥଳରେ ତେଲେଙ୍ଗାଙ୍କର ମୃତ୍ୟୁ ଘଟିଥିବା ବେଳେ ଜୟଲାଲ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତେଲେଙ୍ଗାଙ୍କୁ ଜିଲା ଡାକ୍ତରଖାନା ଅଣାଯାଇଥିଲା। ଉଭୟଙ୍କ ମୃତଦେହକୁ ଶବାଗାରରେ ରଖାଯାଇଛି। ଉପଦ୍ରବ ପରେ ହାତୀ ଜଙ୍ଗଲକୁ ଚାଲିଯାଇଛି। ଘଟଣା ପରେ ଗାଁରେ ପହଞ୍ଚିଥିବା ବନ ବିଭାଗ ଅଧିକାରୀଙ୍କ ସହ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଗତ ୬ମାସ ହେଲା ଏହି ଅଞ୍ଚଳରେ ଉପଦ୍ରବ ଚଳାଇଥିବା ଦନ୍ତା ଆକ୍ରମଣରେ ୮ ଜଣଙ୍କ ଜୀବନ ଗଲାଣି।

## ଏସ୍ଏମ୍ସି ଖୋଲିଲା ମୋ ଖତ ବିକ୍ରୟ କେନ୍ଦ୍ର

**ସମ୍ବଲପୁର, ୨୩।୩ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ (ଏସ୍ଏମ୍ସି) ପକ୍ଷରୁ ମୋ ଖତ ବିକ୍ରୟ କେନ୍ଦ୍ର ଖୋଲାଯାଇଛି। ନିଗମ ଅଫିସ ପରିସରରେ ଏହି କେନ୍ଦ୍ରକୁ ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀ ଉଦ୍ଘାଟନ କରିଥିଲେ। ସଦର ଉପଜିଲାପାଳ ମୟୂର ସୂର୍ଯ୍ୟବଂଶୀ ବିକାଶ, ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ସମ୍ବଲପୁର ମହାନଗର ନିଗମ ପକ୍ଷରୁ ବୁର୍ଲା, ଚାଉଁରପୁର, ବାଲିବନ୍ଧା, ରାଣନପୁରଠାରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଖୋଲାଯାଇଛି। ବିଭିନ୍ନ ୱାର୍ଡରୁ ନିଗମ ପକ୍ଷରୁ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ଉକ୍ତ କେନ୍ଦ୍ରକୁ ନିଆଯାଉଛି। ସେଠାରେ ଏସ୍ଏଚ୍ଜି ମହିଳାମାନେ ଆବର୍ଜନାକୁ ପୃଥକ୍ କରି ଜୈବିକ ଖତ ତିଆରି କରୁଛନ୍ତି। ଏହାକୁ ନିୟମିତ ବିକ୍ରି ପାଇଁ ନିଗମ ଅଫିସ ପରିସରରେ ଉକ୍ତ କେନ୍ଦ୍ର ଖୋଲାଯାଇଛି। ୫ କେଜିଆ ପ୍ୟାକେଟର ମୂଲ୍ୟ ୧୦୦ ଟଙ୍କା ରହିଛି। ପ୍ରଥମ ଦିନରେ ୨୦୦ ପ୍ୟାକେଟ ଖତ ବିକ୍ରି ହୋଇଛି। ଆଗାମୀ ଦିନରେ ଅର୍ଡର୍ ଦେଲେ ଘରେ ଏହି ଖତ ମହାନଗର ନିଗମ ପକ୍ଷରୁ ପହଞ୍ଚାଇ ଦିଆଯିବ।



ବିକ୍ରୟ କେନ୍ଦ୍ରରୁ ଖତ ବିକ୍ରି କରାଯାଉଛି ।

## ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍ଯାପିତ

**ବ୍ରଜରାଜନଗର, ୨୩।୩ (ଡି.ଏନ.ଏ.)**

ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ସୋମବାର ଶେଷ ହୋଇଛି। ଉଦଯାପନୀ ସମାରୋହରେ ଜିଲାପାଳ ସରୋଜ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କେତେଜଣ ପ୍ରତିଯୋଗୀଙ୍କୁ ସମ୍ମାନିତ କରିଥିଲେ। ପ୍ରତିଯୋଗିତାକୁ ସଫଳ କରିବା ପାଇଁ ଯେଉଁ ଅର୍ଥର ଆବଶ୍ୟକତା ରହିଛି ତାହା ଚଳିତ ବର୍ଷ କମ ପଡିଥିଲା। ଫଳରେ କେତେଜଣ ସଦସ୍ୟ ପରିଚାଳନା କମିଟି ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ବ୍ରଜରାଜନଗର ସଦସ୍ୟମାନେ ପ୍ରତିଯୋଗିତାକୁ ସଫଳ କରାଇଥିବାରୁ ଜିଲା ସାଧାରଣ ସମ୍ପାଦକ ତାପସ ରାଏ ଚୌଧୁରୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହାସହିତ ନିଜ ଭିତରେ ବିବାଦ ସୃଷ୍ଟି କରିବା ଠିକ୍ ନୁହେଁ ବୋଲି ମତ ଦେଇଛନ୍ତି।

## ଓପିଜିସି ନୂତନ ଏମ୍ଡିଙ୍କ ଇବ୍ ଥର୍ମାଲ ଗସ୍ତ



ୟୁନିୟନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି ଓପିଜିସି ଏମ୍ଡି।

**ଝାରସୁଗୁଡ଼ା ଅଫିସ୍, ୨୩।୩**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ନୂତନ ଏମ୍ଡି ପ୍ରଶାନ୍ତ କୁମାର ମହାପାତ୍ର ୩ଦିନିଆ ଇବ୍ ଥର୍ମାଲ ଗସ୍ତରେ ଆସି ସୋମବାର ବନହରପାଲିରେ ପହଞ୍ଚିଛନ୍ତି। ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ପରେ ଏମ୍ଡି ମହାପାତ୍ର ପ୍ରକଳ୍ପର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ମିଶି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ, ଓପିଜିସି ଏମ୍ଡି ଓ ଏମ୍ସିଏଲ୍ ଲଖନପୁର ଜିଏମ୍ଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରକଳ୍ପର ରକ୍ଷଣାବେକ୍ଷଣ, କୋଇଲା ପରିବହନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ସନ୍ଧ୍ୟାରେ ଇବ୍ ଥର୍ମାଲ ରିସର୍ଚ୍ଚ ସେଣ୍ଟରରେ ଓପିଜିସି ଅଫିସର୍ସ ଆସୋସିଏଶନ, ଓପିଜିସି ଏମ୍ପ୍ଲଇଜ୍ ୟୁନିୟନ ଓ ଇବ୍ଥର୍ମାଲ ଏମ୍ପ୍ଲଇଜ୍ ୟୁନିୟନର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ଅଫିସର୍ସ ଆସୋସିଏଶନ ସଭାପତି ବିରେନ୍ଦ୍ର ସାହା, ସାଧାରଣ ସମ୍ପାଦକ ଧରଣୀଧର ବେହେରା, କୋଷାଧ୍ୟକ୍ଷ ଚନ୍ଦନ ପରିଡା, ଓପିଜିସି ଏମ୍ପ୍ଲଇଜ୍ ୟୁନିୟନ କାର୍ଯ୍ୟକାରୀ ସଭାପତି ବାଲୁକେଶ୍ୱର ମହାପାତ୍ର, ଉପସଭାପତି ସୁଶାନ୍ତ ଚନ୍ଦ୍ର ବାହିନୀପତି, ସାଧାରଣ ସମ୍ପାଦକ ଦୀପ୍ତି କୁମାର ମହାପାତ୍ର, ସମ୍ପାଦକ ପ୍ରଶାନ୍ତ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ନିଫା ତରଫରୁ ରକ୍ତଦାନ ଶିବିର, ୧୦୭ ୟୁନିଟ୍ ରକ୍ତ ସଂଗ୍ରହ

**ଝାରସୁଗୁଡ଼ା ଅଫିସ୍, ୨୩।୩**

ଶହୀଦ ଦିବସ ଅବସରରେ ନ୍ୟାଶନାଲ୍ ଇଣ୍ଟିଗ୍ରେଟେଡ୍ ଫୋରମ୍ ଅଫ୍ ଆର୍ଟିଷ୍ଟ ଆଣ୍ଡ ଆକ୍ଟିଭିଷ୍ଟ(ନିଫା) ତରଫରୁ ଝାରସୁଗୁଡ଼ା ପୌର ପରିଷଦ ଅଡିଟୋରିୟମ ହଲ୍ ଓ ବେଲପାହାଡ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନିଫା ଝାରସୁଗୁଡ଼ା ଜିଲା ଉପସଭାପତି ଜୟପ୍ରକାଶ କୁଁଅରଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ଝାରସୁଗୁଡା ଶିବିରକୁ ମୁଖ୍ୟଅତିଥି ନରସିଂହ ବିଷ୍ଣୁପ୍ରିୟା ସେବା ଟ୍ରଷ୍ଟର ଟ୍ରଷ୍ଟି ଦୀପାଳି ଦାସ ଉଦ୍ଘାଟନ କରିଥିଲେ। ଏଥିରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ମାଝି, ସମ୍ପାଦକ ତୁଳସୀ ପ୍ରସାଦ ଦାସ, ପାର୍ବତୀ ମେହେର, ହୀରାବତି ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବେଲପାହାଡ ଶିବିରରେ ମୁଖ୍ୟଅତିଥି ବେଲପାହାଡ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ତିଆରୀ, ସମ୍ମାନିତ ଅତିଥି ଟିଆର୍ଏଲ୍ କ୍ରୋସାକୀ କମ୍ପାନୀର ଅଧିକାରୀ ଶଶାଙ୍କ ଦୀକ୍ଷିତ, ନିଫା ମିଡିଆ ସମ୍ପାଦକ ସୁରେଶ ସୋହେଲା, ସମଲେଶ୍ୱରୀ ମା' ଘର ଚେରିଟେବୁଲ୍ ଟ୍ରଷ୍ଟ ଅଧ୍ୟକ୍ଷା ପଦ୍ମିନୀ ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ୨ ଶିବିରରେ ସମୁଦାୟ ୧୦୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ରେଡ୍କ୍ରସ୍ର ଡା. ରୋଶନ ପଣ୍ଡା, କିରଣ ସାହୁ, ଦୋଳଗୋବିନ୍ଦ ଛଞ୍ଚାଣ, ଭବାନୀ ଶଙ୍କର ସୁନାନୀ ପ୍ରମୁଖ ସ୍ୱାସ୍ଥ୍ୟକର୍ମୀ ସହଯୋଗ କରିଥିଲେ।



ଝାରସୁଗୁଡା ପୌର ପରିଷଦ ଅଡିଟୋରିୟମଠାରେ ଶିବିର ଉଦ୍ଘାଟନ କରାଯାଉଛି।

## ଏଲ୍ଆଇସି ଅଭିକର୍ତ୍ତା ସଂଘର ବିକ୍ଷୋଭ

**ସମ୍ବଲପୁର, ୨୩।୩ (ବ୍ୟୁରୋ)**

ଭାରତୀୟ ଜୀବନ ବୀମା ନିଗମ୍ (ଏଲଆଇସି) ଅଭିକର୍ତ୍ତା ମହାସଂଘ ସମ୍ବଲପୁର ଶାଖା ପକ୍ଷରୁ ୯ ଦଫା ଦାବି ନେଇ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଇଁଠାପାଲି ନିକଟ ଏଲଆଇସି ମଣ୍ଡଳ ଅଫିସ ସମ୍ମୁଖରେ ସଂଘ କର୍ମକର୍ତ୍ତା ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଆନ୍ଦୋଳନ କରିଥିଲେ। ଅନ୍ଲାଇନ ମାର୍କେଟିଂ ବନ୍ଦ କରିବା, ପଲିସିଧାରୀଙ୍କ ବୋନସ୍ ବୃଦ୍ଧି, ଅଭିକର୍ତ୍ତାଙ୍କ କମିଶନ ଓ ଗ୍ରାଚ୍ୟୁଇଟି ୧୦ ଲକ୍ଷକୁ ବୃଦ୍ଧି କରିବା ପ୍ରଭୃତି ଦାବିରେ ଆନ୍ଦୋଳନ କରାଯାଇଥିଲା। ସଂଘ କର୍ମକର୍ତ୍ତା ଦାମୋଦର କର, ଭାସ୍କର ପାଣ୍ଡେ, ବ୍ରଜ ସାମଲ, ପ୍ରଫୁଲ୍ଲ ବେହେରା, ରାକେଶ ସାହୁ, ଦୁଃଖିଶ୍ୟାମ ବାବୁ, ମାନସ ଶତପଥି, ଯଯାତି ମହାପାତ୍ର, ପ୍ରଶାନ୍ତ ସାହୁ, ସୋମନାଥ ବେହେରା ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ବାଲ୍ୟବିବାହ ନିରୋଧ ତାଲିମ ଶିବିର

**ସମ୍ବଲପୁର, ୨୩।୩(ବ୍ୟୁରୋ)**

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ବାଲ୍ୟ ବିବାହ ଅଧିନିୟମ ୨୦୦୬ ଓ ବାଲ୍ୟ ବିବାହ ନିରୋଧ ଆଇନ ୨୦୧୯ ଉପରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲ୍ୟ ବିବାହ ନିରାକରଣ ନେଇ ଜନସଚେତନ ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ଆକ୍ସନ ଆଡ୍ର କାର୍ଯ୍ୟକ୍ରମ ପରିଚାଳକ ଘାସିରାମ ପଣ୍ଡା ବାଲ୍ୟ ବିବାହର କାରଣ ଉପରେ ବକ୍ତବ୍ୟ ରଖିଥିଲେ।

## ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସ୍ମୃତିଚାରଣ

**ସୁନ୍ଦରଗଡ଼, ୨୩।୩(ଡିଏନ୍.ଏ.)**

**ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି**

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନକୁ ମଙ୍ଗଳବାର ୧୦୦ ବର୍ଷ ପୂରଣ ହୋଇଛି। ଏହି ସ୍ମରଣୀୟ ଦିନକୁ ମନେ ପକାଇବା ପାଇଁ ରାଜ୍ୟରେ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ନିଖିଲ ପବନ କଲ୍ୟାଣ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର, ଜିଲା ସଂସ୍କୃତି ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅନିଲ କେରକେଟାଙ୍କ ସମେତ ପ୍ରଶାସନର ଅଧିକାରୀମାନେ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅଧିକାରୀମାନେ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କ ଅବଦାନକୁ ମନେ ପକାଇଥିଲେ।



ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ଓ ଅନ୍ୟମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

# ପାର୍କ ନିର୍ମାଣରେ ବିଳମ୍ବ

**ସମ୍ବଲପୁର, ୨୩।୩(ବ୍ୟୁରୋ)**

**ଝାଙ୍କରପାଲି ପଞ୍ଚାୟତ**
- ତାଗିଦ ପରେ କାମ କରୁନାହାନ୍ତି: ବିଡିଓ
- ପାଣିରେ ପଡିବ ୮୫ ହଜାର

ପ୍ରତି ପଞ୍ଚାୟତରେ ପାର୍କ ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏହାର ନିର୍ମାଣ ଦାୟିତ୍ୱ ପଞ୍ଚାୟତ ହାତକୁ ଦିଆଯାଇଛି। ହେଲେ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତ କର୍ମଚାରୀଙ୍କ ଅବହେଳା ଯୋଗୁ ପାର୍କ ନିର୍ମାଣରେ ବିଳମ୍ବ ହେଉଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରି ପଞ୍ଚାୟତବାସୀ ବ୍ଲକ ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି।

ଅଭିଯୋଗ କ୍ରମେ ଆମୋଦପ୍ରମୋଦ, ମନୋରଞ୍ଜନ, ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ, ଛୋଟ ପିଲାମାନଙ୍କ ପାଇଁ ଦୋଳି ଓ ଅନ୍ୟ ଖେଳିବା ସାମଗ୍ରୀ ରହି ପାର୍କ ନିର୍ମାଣ ହେବାର ଯୋଜନା ହୋଇଥିଲା। ନିଅଁ ଖୋଳି କିଛି ଫୁଟ ଉଚ୍ଚର କାନ୍ଥ ଉଠାଯାଇଛି। ହେଲେ ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ହେବ କାମ ବନ୍ଦ ପଡିଛି । ଏବେ ପାର୍କ ନିର୍ମାଣ ସମ୍ପୂର୍ଣ୍ଣ ହେବା ନେଇ ସନ୍ଦେହ ଦେଖାଦେଇଛି। ଅନ୍ୟପଟେ ଏହି କାମରେ ପ୍ରାୟ ୮୫ ହଜାର ଟଙ୍କା ବିଲ୍ ଉଠାଇ ନିଆଯାଇଛି। ଯଦି କାମ କରା ନ ଯାଏ ତେବେ ବ୍ୟୟ ହୋଇଥିବା ଟଙ୍କା ପାଣିରେ ପଡିବ। କାମ ବନ୍ଦ ରହିଥିବାରୁ ଅନାବନା ଗଛଲତା ଉଠି ବାଉଣ୍ଡରି କାନ୍ଥ ନଷ୍ଟ ହେବାକୁ ବସିଲାଣି। ଅନ୍ୟପଟେ ପୂର୍ତ୍ତ ବିଭାଗ ପରିତ୍ୟକ୍ତ ବଙ୍ଗଳା ପରିସରରେ ପାର୍କ ନିର୍ମାଣ ହୋଇଛି। ପୂର୍ତ୍ତ ବିଭାଗ ଜମିରେ କିଭଳି କାମ ହେଲା ସେ ନେଇ ମଧ୍ୟ ପ୍ରଶ୍ନ ହେଉଛି। ଏ ସମ୍ପର୍କରେ ଯୁଯୁମୁରା ବିଡିଓ ସୁରଜ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଥିଲେ, କାମ ଆରମ୍ଭ ହେବା ପରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଦେଖାରଖା କରୁଥିଲେ। ହେଲେ କାମ ଏବେ ବନ୍ଦ କରିଦେଇଛନ୍ତି। ଏହାକୁ ଆରମ୍ଭ କରିବା ପାଇଁ ବାରମ୍ବାର ତାଗିଦ କରାଯାଉଛି। ସୂଚନାଯୋଗ୍ୟ ଯେ, କୋଭିଡ୍ ସମୟରେ ପାର୍କ ନିର୍ମାଣ ପାଇଁ ସରକାର ଯୋଜନା କରିଥିଲେ। ଏମ୍ଜିଏନ୍ଆର୍ଇଜିଏସ୍ରେ ପ୍ରତି ପଞ୍ଚାୟତକୁ ୫ଲକ୍ଷ ଟଙ୍କା ଲେଖାଏ ଦିଆଯାଇ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବାଉଣ୍ଡରି କାନ୍ଥ ମାଟି କାମ କରିବାରେ ସ୍ଥାନୀୟ ଶ୍ରମିକମାନଙ୍କୁ ନିଯୁକ୍ତି ଦେବାକୁ ଲକ୍ଷ୍ୟ ରହିଥିଲା। ଏହା ଦ୍ୱାରା ସେମାନେ ରୋଜଗାର ପାଇପାରିଥାନ୍ତେ। ହେଲେ କାମ ବନ୍ଦ ହେବାରୁ ଏବେ ଶ୍ରମିକମାନେ ରୋଜଗାର ହରାଇ ବସିଛନ୍ତି।



ଝାଙ୍କରପାଲି ପଞ୍ଚାୟତରେ ଅଧାପନ୍ତରିଆ ହୋଇପଡିଥିବା ପାର୍କ ।

**ମୃତଦେହ ଜବତ ଘଟଣା: ଯୁବକ ଅଟକ**

**ଅତାବିରା,(ଡି.ଏନ.ଏ):** ବରଗଡ ଜିଲା ଅତାବିରା ଥାନା ଅଧୀନ ସିଂହପାଲି ଗ୍ରାମର ବନ୍ଦ କୋଠରୀ ଭିତରୁ ରାୟଗଡା ଜିଲା ଶେଶୁଆଁ ଥାନା ଅଧୀନ ମାନପସରାର ମୋନିରାମ (୪୫)ଙ୍କ ମୃତଦେହ ଜବତ ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୋନିରାମ ସପରିବାର ସିଂହପାଲି ଗାଁକୁ ଇଟା ଗଢ଼ିବାକୁ ଆସିଥିଲେ। ସେ ରମେଶ ଭୁଏଙ୍କ ସହିତ ମିଶି ଏକାଠି ରହୁଥିଲେ। ଗତ ୧୭ ତାରିଖରେ ସେମାନେ ରହୁଥିବା କୋଠରୀ ବାହାର ପଟୁ ତାଲା ପଡିଥିବା ବେଳେ ଭିତରୁ ଦୁର୍ଗନ୍ଧ ଆସୁଥିଲା। ଖବର ପାଇ ପୋଲିସ ସେଠାକୁ ପହଞ୍ଚି ମୋନିରାମଙ୍କ ମୃତଦେହ ଜବତ କରିଥିଲା। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୭୩/୨୧) ରୁଜୁ ହୋଇଛି।

## ସଂକ୍ଷେପରେ

### ମୋ କଲେଜ ଅଭିଯାନ ୱେବ୍ ପୋର୍ଟାଲ ଲୋକାର୍ପଣ

**ଅମରପାଲି, ୨୩।୩ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ ୱେବ ପୋର୍ଟାଲ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ମୂରଲୀଧର ହୋତାଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଅଧାପିକା, ଅଧାପକ, କର୍ମଚାରୀ, ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଶ୍ରୀଧର ଦାଶ, ଉପସଭାପତି ପ୍ରଭାତ କୁମାର ଦାଶ, ସମ୍ପାଦକ କିଶୋର ହୋତା, ଖବରଦାତା ରବୀନ୍ଦ୍ର ହୋତା, ଶେଷଦେବ ବାରିକ, ପୁରାତନ ଛାତ୍ର ସଂସଦ ସଦସ୍ୟ ଆଶୁତୋଷ ହୋତା, ସନ୍ତୋଷ ବେହେରା, ଲଳିତ କର ପ୍ରମୁଖ ଯୋଗଦେଇଥିଲେ। ମୋ କଲେଜ ଅଭିଯାନ ମାଧମରେ ପୁରାତନ ଛାତ୍ରୀଛାତ୍ର ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଜଡିତ ରହି ମହାବିଦ୍ୟାଳୟର ଉନ୍ନତି ଓ ବିକାଶରେ ସହାୟକ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### କୋଭିଡ୍ କଟକଣାରେ ଦୋଳ ଉତ୍ସବକୁ ଅନୁମତି ଦାବି

**ବଲାଙ୍ଗୀର ଅଫିସ, ୨୩।୩:** ଚଳିତବର୍ଷ ବଲାଙ୍ଗୀର ଯାଦବ ସମାଜ ୨୫ ବର୍ଷ ପଦାର୍ପଣ କରୁଛି। ଚଳିତ ବର୍ଷ କୋଭିଡ ନିୟମ ମାନି ଦୋଳ ପୂର୍ଣ୍ଣିମା ଉତ୍ସବ ପାଳନ ପାଇଁ ଅନୁମତି ଦେବାକୁ ଉପଜିଲାପାଳ ଏବଂ ପୌର ନିର୍ବାହୀ ଅଧିକାରୀଙ୍କ ପାଖରେ ଯାଦବ ସମାଜ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ପୌରାଞ୍ଚଳ ଯାଦବ ସମାଜ ସଭାପତି ପଙ୍କଜ ସେଲମାଙ୍କ ନେତୃତ୍ୱରେ ୬ ଜଣିଆ କମିଟି ପୂଜା କମିଟି ସଭାପତି ଜୟଦେବ ଜାଲ, ପୌରାଞ୍ଚଳ ସଭାପତି ଅଷ୍ଟମୀ ବଗର୍ତ୍ତି, ସାଂସ୍କୃତିକ କମିଟିର ସଦସ୍ୟ ପ୍ରଶାନ୍ତ ମହାକୁର, ସନ୍ଦୀବ ବାଗ, ଆକୁଳ ରାଉତ, ପୂଜା କମିଟିର ସମ୍ପାଦକ ଦେବରାଜ ନାଗ ପ୍ରମୁଖ ଦାବି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଯାଦବ ସମାଜ ନିଷ୍ପତ୍ତିକ୍ରମେ କୋଭିଡ୍ ଗାଇଡଲାଇନକୁ ଦୃଷ୍ଟିରେ ରଖି ଏବର୍ଷ ସହର ପରିକ୍ରମା ଓ ବିଭିନ୍ନ ସାଂସ୍କୃତିକ କମିଟିକୁ ରଦ୍ଦ କରାଯାଇଛି। କେବଳ ରୀତିନୀତି ମଧରେ ପୂଜାର୍ଚ୍ଚନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

### ଟିକ୍ରାପଡ଼ାରେ କୋଭିଡ୍ ଟିକାକରଣ

**ଟିକ୍ରାପଡା, ୨୩।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କୋଭିଡ ଟିକା ପ୍ରଦାନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିକ୍ରାପଡା ପଞ୍ଚାୟତର ୬୦ବର୍ଷରୁ ଅଧିକ ବୟସର ୧୬୧ ଜଣ ବ୍ୟକ୍ତି ଟିକା ନେଇଥିଲେ। ଏଥିରେ ୮୨ ମହିଳା ଓ ୭୯ ଜଣ ପୁରୁଷ ସାମିଲ ହୋଇଥିଲେ। ଫାର୍ମାଶିଷ୍ଟ ପ୍ରହଲ୍ଲାଦ ମାଝି, ଆୟୁଷ ଡାକ୍ତର ଅଶୋକ ମେହେର, ସ୍ୱାସ୍ଥ୍ୟକର୍ମୀ ଅକ୍ଷୟ ପ୍ରଧାନ, ଇତିପ୍ରିୟା ସିଂଦେଓ, ଡୋଳେଶ୍ୱରୀ ମଲ୍ଲିକ, ସଫଳା ଖମାରୀ, ଆଶାକର୍ମୀ ମୁଲତା ବଗର୍ତ୍ତି, ନିଳାବତୀ ବାଗ ପ୍ରମୁଖ ଟିକାକରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୋସଲ ସେନାର ବୈଠକ

**ଲୋଇସିଂହା, ୨୩।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଘୁଙ୍ଗିଠାରେ କୋସଲ ସେନାର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସଭାପତି କୌସ୍ତୁଭ ସାହୁ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଏପ୍ରିଲ ୧ ତାରିଖ ଉତ୍କଳ ଦିବସକୁ କୋସଲ ସେନା କଳା ଦିବସ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସଭାପତି ସାହୁ କହିଛନ୍ତି।

### ଶହୀଦ ଦିବସରେ ରକ୍ତଦାନ ଶିବିର

**କଣ୍ଟାବାଞ୍ଜି, ୨୩।୩(ଡି.ଏନ.ଏ.):** ଶହୀଦ ଦିବସରେ ମେଗା ରକ୍ତଦାନ ଶିବିର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରେଡକ୍ରସ ରକ୍ତଭଣ୍ଡାରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୪୧ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅତିଥିଭାବେ ତହସିଲଦାର ତଥା ବ୍ଲଡ ବ୍ୟାଙ୍କ ଅଫିସର ଅଶୋକ କୁମାର ମାଝି, ଥାନା ଆଇଆଇସି ସତ୍ୟଜିତ କନ୍ଦନକେଲ, ଭାଜପା ନେତା ଲକ୍ଷ୍ମଣ ବାଗ, ଜୁନିୟର ରେଡକ୍ରସ କାଉନସେଲର ରାମ ନାରାୟଣ ଦାସ, ରାମଚନ୍ଦ୍ର ସାହୁ, ସତ୍ୟ ନାରାୟଣ ରାଏ ପ୍ରମୁଖ ଯୋଗ ଦେଇଥିଲେ। ରକ୍ତଦାନ କରିଥିବା ସଦସ୍ୟଙ୍କୁ ନିଫା ହରିୟାଣା ଓ ବିଜୁ ପଟ୍ଟନାୟକ ରେଡକ୍ରସ ରକ୍ତ ଭଣ୍ଡାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କରୋନା କାଳରେ ଚାଲିଛି ପାଠପଢ଼ା

**ବରଗଡ଼ ଅଫିସ୍, ୨୩।୩**

- ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକୁ ବେଖାତିର
- ପ୍ରାଥମିକ ସ୍କୁଲକୁ ଆସୁଛନ୍ତି ଛାତ୍ରୀଛାତ୍ର
- ଡିଇଓଙ୍କ ଚିଠି ପରେ ଚାଲିଛି ପାଠପଢ଼ା
- ଚିଠିରେ ପରୀକ୍ଷା ପ୍ରସଙ୍ଗରେ ଉଲ୍ଲେଖ
- କାର୍ଯ୍ୟକ୍ରମ ବନ୍ଦ ହେବ କହିଲେ ଡିଇଓ

କରୋନା ସଂକ୍ରମଣ ଯୋଗୁ ଗତବର୍ଷଠାରୁ ପ୍ରାଥମିକ ସ୍କୁଲଗୁଡ଼ିକ ବନ୍ଦ ରହିଛି। କେବଳ ସେତିକି ନୁହେଁ, ଏଥର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଛାତ୍ରୀଛାତ୍ର ବିନା ପରୀକ୍ଷାରେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବେ। ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗର ପତ୍ରସଂଖ୍ୟା. ୬୨୯୦ ତା୧୬।୩।୨୧ରିଖରେ ଏହା ଉଲ୍ଲେଖ ରହିଛି। ହେଲେ, ବରଗଡ଼ ଜିଲାରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ଏକ ଚିଠି ନଂ.୨୯୮୫, ତା- ୪।୩।୨୧ରିଖକୁ ଆଧାର କରି ଜିଲାର କେତେକ ସରକାରୀ ସ୍କୁଲ ଖୋଲା ରହୁଥିବାବେଳେ ସେଠାକୁ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଯାଉଛନ୍ତି। ଏପରିକି ଏହି ଚିଠି ଆଧାରରେ ଗତ ମାର୍ଚ୍ଚ ୧୦ତାରିଖରୁ ଆସନ୍ତା ଏପ୍ରିଲ ୩୦ପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ସର୍ବନିମ୍ନ ସାହିତ୍ୟିକ, ଗାଣିତିକ ଶିକ୍ଷାଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଥମ ପର୍ଯ୍ୟାୟ(ଷ୍ଟେପ୍-୧)ରେ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ ସାହିତ୍ୟ ଏବଂ ଦ୍ୱିତୀୟ ପର୍ଯ୍ୟାୟ (ଷ୍ଟେପ୍-୨)ରେ ଗଣିତ ବିଷୟକୁ ଶେଷ କରିବା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନିର୍ଦ୍ଦେଶ ରହିଛି। ଏଥର ଛାତ୍ରୀଛାତ୍ରଙ୍କ କୌଣସି ପରୀକ୍ଷା ହେବନାହିଁ ବୋଲି ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଜାରି କରିଥିବାବେଳେ ଜିଲା ଶିକ୍ଷା ବିଭାଗର ଉପରୋକ୍ତ ଚିଠିରେ ଏପ୍ରିଲ ୧୦ତାରିଖ ଛାତ୍ରୀଛାତ୍ରଙ୍କ ପ୍ରଥମ(ଷ୍ଟେପ୍-୧) ଏବଂ ଏପ୍ରିଲ ୩୦ତାରିଖ ଦ୍ୱିତୀୟ ପର୍ଯ୍ୟାୟ(ଷ୍ଟେପ୍-୨) ଆକଳନ ପରୀକ୍ଷା କରିବା ଏବଂ ପରୀକ୍ଷାରେ ସମସ୍ତ ଛାତ୍ରୀଛାତ୍ର ଭାଗ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ଏହି ଚିଠିରେ ଆହୁରି ଉଲ୍ଲେଖ ରହିଛି, କାର୍ଯ୍ୟ ଦିବସ ଗୁଡ଼ିକରେ ଜିଲାର ପ୍ରତ୍ୟେକ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ସକାଳ ୭ଟାରୁ ଦିନ ୧୧ଟା ଯାଏ ଉପସ୍ଥିତ ରହିବେ। ଏହି ସମୟସୀମା ମଧ୍ୟରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅନଲାଇନ୍ କିମ୍ବା ଅଫ୍ ଲାଇନ୍‌ରେ ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣରେ ସାହାଯ୍ୟ କରିବେ। ଏହି କାର୍ଯ୍ୟକ୍ରମ ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିବ। ଆବଶ୍ୟକସ୍ଥଳେ ଜିଲାପାଳ ମଧ୍ୟ କୌଣସି ମୁହୂର୍ତ୍ତରେ ସ୍କୁଲ ପରିଦର୍ଶନରେ ଯାଇ ପାରନ୍ତି ବୋଲି ଉଲ୍ଲେଖ ରହିଛି। ଏହିକ୍ରମରେ ଜିଲାର ଅନେକ ପ୍ରାଥମିକ ସ୍କୁଲ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ଯାଏ ଖୋଲା ରହୁଛି। ଛାତ୍ରୀଛାତ୍ର ସ୍କୁଲ ୟୁନିଫର୍ମରେ ନ ଆସି ସାଧାରଣ ପୋଷାକ ପିନ୍ଧି ସ୍କୁଲକୁ ଆସୁଥିବା ଦେଖିବାକୁ ମିଳିଛି। ସେହିପରି ଶ୍ରେଣୀ କୋଠରୀରେ ନ ବସି ସେମାନଙ୍କୁ ସ୍କୁଲ ବାରଣ୍ଡାରେ ଶିକ୍ଷାଦାନ କରାଯାଉଥିବା ପରିଲକ୍ଷିତ ହୋଇଛି। ଏ ସମ୍ପର୍କରେ କେତେକ ଶିକ୍ଷକଙ୍କୁ ପଚାରିବାରୁ ଜିଲା ଶିକ୍ଷା ଅଧିକାରୀଙ୍କ ଚିଠି ଅନୁଯାୟୀ ସେମାନେ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଥିବା କହିଥିଲେ।

ଜିଲା ଶିକ୍ଷା ଅଧିକାରୀ (ଡିଇଓ) ମିତ୍ରଭାନୁ କଚ୍ଛପଙ୍କୁ ପଚାରିବାରୁ ତାହା ଜିଲା ଶିକ୍ଷା ତାଲିମ ପ୍ରତିଷ୍ଠାନ(ଡିଆଇଇଟି)ର ଏକ କାର୍ଯ୍ୟକ୍ରମ ଥିଲା ଏବଂ ସେ କେବଳ ଚିଠି କରିଥିବା କହିଥିଲେ। ଛାତ୍ରୀଛାତ୍ରଙ୍କ ସନ୍ଦେହ ମୋଚନ ପାଇଁ ଚିଠିରେ ଉଲ୍ଲେଖ ରହିଥିଲା। ମାତ୍ର ଶିକ୍ଷକମାନେ ଚିଠିର ବାସ୍ତବତାକୁ ନ ବୁଝି କ୍ଲାସ କରୁଛନ୍ତି ଏବଂ ସେ ନେଇ ସୋମବାର ତାଙ୍କ ପାଖକୁ ଖବର ପହଞ୍ଚିଛି। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ନେଇ ନିଷ୍ପତ୍ତି ନିଆଯିବ ବୋଲି ଡିଇଓ କଚ୍ଛପ କହିଥିଲେ।

# ମୃତକଙ୍କ ନାମରେ ଆବାସ ଯୋଜନା ଅର୍ଥ ଉଠାଣ



ବିଡିଓଙ୍କୁ ଫେରାଦ ହେବାକୁ ଆସିଥିବା ଖଇରମାଲର ଜନସାଧାରଣ।

**ଦେଓଗାଁ, ୨୩।୩(ଡି.ଏନ.ଏ.)**

**ଖଇରମାଲବାସୀ ବିଡିଓଙ୍କ ଦ୍ୱାରସ୍ଥ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁଟାପଡା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଜାଲିଆତି କରି ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଖଇରମାଲବାସୀ ମଙ୍ଗଳବାର ବିଡିଓଙ୍କୁ ଲିଖିତଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଏହି ପଞ୍ଚାୟତ ମୁଖ୍ୟାଳୟରେ ରହୁଥିବା ରାଜ କିଶୋର ସାହୁଙ୍କ ନାମରେ ଆବାସ ଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ତେବେ ଉକ୍ତ ବ୍ୟକ୍ତିଙ୍କ ପ୍ରାୟ ବର୍ଷକ ତଳେ ମୃତ୍ୟୁ ହୋଇଯାଇଥିଲା। ତାଙ୍କର କେହି ଉତ୍ତରାଧିକାରୀ ନଥିବାରୁ ଉକ୍ତ ବ୍ୟକ୍ତିଙ୍କ ନାମରେ ଅନ୍ୟଜଣଙ୍କୁ ରାଜକିଶୋର ଦର୍ଶାଇ ନକଲି ଆଧାରକାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ପ୍ରସ୍ତୁତ କରି ବିଲ ଉଠାଣ କରାଯାଇଛି। ଘଟଣା ସମ୍ପର୍କରେ କୁଲୁଟାପଡାର କେତେଜଣ ବ୍ଲକ ଅଧକ୍ଷା ରୀନା ମେହେରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ଆରମ୍ଭ ହେବା ପରେ ଜାଲିଆତି କରିଥିବା କର୍ମଚାରୀଙ୍କ ମଧରେ ଛନକା ପଶିଥିଲା। ଉକ୍ତ କର୍ମଚାରୀମାନେ ଖଇରମାଲ ଗାଁର ଜଣେ ବ୍ୟକ୍ତିଙ୍କ ପୁରୁଣା ଘର ସାମ୍ନାକୁ ରଙ୍ଗ କରି ରାଜକିଶୋର ସାହୁଙ୍କ ନାମ ଫଳକ ଲେଖିଥିଲେ। ଏହା ନଜରକୁ ଆସିବାପରେ ମଙ୍ଗଳବାର ଗାଁରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଉକ୍ତ ବ୍ୟକ୍ତିଙ୍କ ନାମରେ ଗାଁରେ କେହି ନଥିବା ବେଳେ କାହିଁକି ଏକ ପୁରୁଣାଘରେ ରାତାରାତି ଚୂନ ଲଗାଇ ନାମଫଳକ ଲଗାଗଲା ବୋଲି ସନ୍ଦେହ ପ୍ରକାଶ ପାଇଥିଲା। ଏକ ବୈଠକ କରି ଏଭଳି ବାଟମାରଣ ପ୍ରତି ସ୍ୱର ଉତ୍ତୋଳନ କରାଯିବ ବୋଲି ଗାଁଲୋକେ ନିଷ୍ପତ୍ତି ନେଇଥିଲେ। ପରେ ଗ୍ରାମର କେତେକ ବ୍ୟକ୍ତି ବିଡିଓ ମୂରଲୀଧର ନାଏକଙ୍କୁ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜଣାଇଥିଲେ। ପଞ୍ଚାୟତରେ ଏହିଭଳି ଆଉ ଦୁଇ ତିନୋଟି ଘଟଣା ଘଟିଥିବାରୁ ତଦନ୍ତ କଲେ ପ୍ରକୃତ ଘଟଣା ଲୋକଲୋଚନକୁ ଆସିବ ବୋଲି ଗାଁର ପଞ୍ଚାନନ ବାରିକ, ବିଶେଷଣ ବାରିକ, ରଘୁ ପଧାନ, ଉମାଶଙ୍କର ପଧାନ, କୁନ୍ଦନ ପଧାନ, ରଞ୍ଜନ ବାରିକ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ବିଡିଓ ନାଏକଙ୍କୁ ପଚାରିବାରୁ ଜାଲିଆତି କରି ବିଲ୍ ହଡପ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏଦିଗରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଆଗାମୀ ବଂଶଧର ପାଇଁ ଜଙ୍ଗଲ ସଂରକ୍ଷଣ ଜରୁରୀ

**ବଲାଙ୍ଗୀର ଅଫିସ, ୨୩।୩**



ଖର୍ଲିଖାନୀ ଗାଁରେ ପ୍ରକୃତିବନ୍ଧୁ ସୌମିତ୍ରୀ ମିର୍ଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସପ୍ତାହବ୍ୟାପୀ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ**

ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନର ଶହେବର୍ଷ ପୂର୍ତ୍ତି ଅବସରରେ ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ଚାଲିଥିବା ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ବଲାଙ୍ଗୀର ବନାଞ୍ଚଳର ଖର୍ଲିକାନୀରେ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଅଭିଯାନ ଅଧକ୍ଷ ହେମନ୍ତ କୁମାର ପଣ୍ଡା, ଆବାହକ ସୁନୀଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ସମୀର ଶତପଥୀ, ସଦର ବ୍ଲକ୍ ଅଧକ୍ଷ ଗୋଲାପ ବାଗ୍, ବନାଞ୍ଚଳ ଅଧିକାରୀ ବିଜୟ କୁମାର ଖୁଣ୍ଟିଆ, ଜିଲା ଜଙ୍ଗଲ ଫୋରମ୍ ଆବାହକ କୁଳମଣି ସାହୁ, ମନରଞ୍ଜନ ଯୋଷୀ, ସୁଧୀର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବୀରେନ୍ଦ୍ର ଝାଙ୍କର, ଘଟେଶ୍ୱର ମିଶ୍ର, ବିଭୂକଲ୍ୟାଣ ଗଡତ୍ୟା, ଭାଗିରଥି ବଗର୍ତ୍ତି, ବିରଞ୍ଚି ବିଶ୍ୱାଳ, ସୂର୍ଯ୍ୟକୁମାର ପୁଟେଲ, କୋଷାଧକ୍ଷ ନୀଳମଣି ବିଶ୍ୱାଳ, ସନ୍ତୋଷ ସାହୁ, ହୃଷିକେଶ ବାବୁ ଉପସ୍ଥିତ ଥିଲେ। ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଗତ ୧୭ ତାରିଖ ବଲାଙ୍ଗୀରରୁ ଗନ୍ଧରେଲକୁ ସାଇକେଲ ରାଲି ଜରିଆରେ ସଚେତନତା କାର୍ଯ୍ୟକ୍ରମକୁ ରାଜ୍ୟସ୍ତରରେ ପ୍ରଶଂସା କରାଯାଇଥିବା ଡିଏଫ୍‌ଓ ଶତପଥୀ ସୂଚନା ଦେଇଥିଲେ। ଏହି ଅଭିଯାନରେ ଗନ୍ଧରେଲ, ପଥରଚେପା, ଫୁଲଝରନ୍, ବୈଦପାଲି, ମାକରଚୁଆଁ, ସାଲେପାଲି ଓ ଖର୍ଲିକାନୀ ଗାଁର ବନ ସୁରକ୍ଷା ସମିତି ଓ ଗ୍ରାମବାସୀ ସାମିଲ ହୋଇ ଜଙ୍ଗଲକୁ ନିଆଁଦାଉରୁ ରକ୍ଷା କରିବାକୁ ଶପଥ ନେଇଥିଲେ। ବନବିଭାଗ, ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଜଙ୍ଗଲ ସମ୍ପଦର ସୁରକ୍ଷା ସହ ଜଙ୍ଗଲ ନିଆଁକୁ ରୋକାଯାଇପାରିବ ବୋଲି ବକ୍ତା ଓ ଗ୍ରାମବାସୀ କହିଥିଲେ।

ଯୁବକବି ଅର୍ଜୁନ ସାହୁ କୋଶଲୀ କବିତା ମାଧମରେ ଜଙ୍ଗଲ ନିଆଁର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ପ୍ରକୃତିବନ୍ଧୁ ସୌମିତ୍ରୀ ମିର୍ଦ୍ଧାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବଲାଙ୍ଗୀର ତୁଲସୀନଗର କ୍ଲବ ସବୁଜ ବାହିନୀ ସଦସ୍ୟମାନେ ବାଇକ ରାଲିରେ ସହର ପରିକ୍ରମା କରି ଖର୍ଲିକାନୀରେ ପହଞ୍ଚିଥିଲେ। ଉଦ୍‌ଯାପନୀ ସଭାରେ ଡିଏଫ୍‌ଓ ଶତପଥୀ ସବୁଜ ବାହିନୀର ସ୍ୱେଚ୍ଛାସେବୀଙ୍କୁ ସବୁଜ ପତାକା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ପ୍ରତି ଗାଁରେ ସବୁଜ ବାହିନୀ ଗଠନ କରାଯିବ ବୋଲି ଘୋଷଣା କରାଯାଇଥିଲା। ଏହି ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆଗକୁ ମଧ ଜାରି ରହିବ ବୋଲି ଘୋଷଣା କରାଯାଇଥିଲା। ସଭାରେ ମାହେଶ୍ୱରୀ ସଙ୍ଗଠନର ଅଙ୍କୁଶ ପାଣ୍ଡିଆ ଓ ଯୁବ ସଙ୍ଗଠକ ପ୍ରଶାନ୍ତ ମହାକୁର ଗ୍ରାମର ମହିଳା ଓ ପୁରୁଷଙ୍କୁ ଶପଥ ପାଠ କରିଥିଲେ।

### ପାଣି ପମ୍ପ ଚୋରି ଅଭିଯୋଗରେ ୩ ଗିରଫ

**ଖପ୍ରାଖୋଲ, ୨୩।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଚାଉଳବାଂଜି ଗାଁରୁ ପାଣି ପମ୍ପ ଚୋରି ଅଭିଯୋଗରେ ପୋଲିସ୍ ମଙ୍ଗଳବାର ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଚାଉଳବାଂଜିର ଶଙ୍କର ଛତ୍ରିଆ(୨୦), ଦୁର୍ଯ୍ୟୋଧନ ଛତ୍ରିଆ(୪୦) ଏବଂ ଡମନିମାଲ ଗାଁର ଚୌବନ ନାଗ(୨୫)। ସୂଚନା ଅନୁସାରେ ଖପ୍ରାଖୋଲର ବିନୋଦ ଭୋଇଙ୍କ ଚାଉଳବାଂଜିସ୍ଥିତ ଜମିରେ ଥିବା କୂଅରେ ତିନି ଏଚ୍‌ପି ପାଣି ପମ୍ପ ଲଗାଇଥିଲେ। ଗତ ୨୨ ତାରିଖ ପମ୍ପ ଚୋରି ହୋଇଥିବା ନେଇ ସେ ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା (ନଂ.୪୦/୨୧) ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଚାଉଳବାଂଜି ଗାଁର ଶଙ୍କର ଓ ଦୁର୍ଯ୍ୟୋଧନଙ୍କୁ ସନ୍ଦେହରେ ପଚରାଉଚୁରା କଲା ପରେ ସେମାନେ ପମ୍ପ ଚୋରି କରି ଡମନିମାଲର ଚୌବନ ନାଗଙ୍କ ଜମିରେ ଥିବା ପାଳଗଦାରେ ଲୁଚାଇଥିବା କହିଥଲେ। ପୋଲିସ୍ ତିନିଜଣଙ୍କୁ ଗିରଫ କରି ପାଣି ପମ୍ପ ଜବତ କରିଥିଲା। ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଏଏସଆଇ ସେବନ କେର୍କେଟ୍ଟା କହିଛନ୍ତି।

### ଟ୍ରେନ୍‌ରେ କଟି ଯୁବକ ମୃତ

**ଭବାନୀପାଟଣା, ୨୩।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ଥାନା ସିଙ୍ଗଝରଣଠାରେ ଟ୍ରେନ୍‌ରେ କଟି ନରେଶ କାଣ୍ଡ (୨୫) ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ରବିବାର ରାତି ପ୍ରାୟ ୧୨ଟାରେ ସିଙ୍ଗଝରଣସ୍ଥିତ ରେଳ ଧାରଣାରେ ସେହି ଗାଁର ନରେଶ ଟ୍ରେନ୍‌ରେ କଟି ଯାଇଥିଲେ। ଏହା ଦେଖି ମାଲବାହୀ ଟ୍ରେନ୍‌ର ଲୋକୋ ପାଇଲଟ ଭବାନୀପାଟଣା ଷ୍ଟେଶନ ମାଷ୍ଟର ପରିତୋଷ ପାଣିଗ୍ରାହୀଙ୍କୁ ସୂଚନା ଦେଇଥିଲେ। ସୋମବାର ଷ୍ଟେଶନ ମାଷ୍ଟର ଥାନାରେ ଏତଲା ଦେଇଥିଲେ। ପୋଲିସ ଶବ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିଲା।

# ନିଆଁ ଲାଗି ପୋଡ଼ିଗଲା ୫ ଏକର ଫଳବଗିଚା



ନିଆଁ ଲାଗି ପୋଡ଼ି ଯାଇଥିବା ବଗିଚାରେ ଚାଷୀ ପ୍ରମୋଦ।

**ରିଷିଡା, ୨୩।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ତେଲନଦୀ କୂଳରେ ଥିବା ପ୍ରାୟ ୫ ଏକର ଫଳ ବଗିଚାରେ ସୋମବାର ଅପରାହ୍ନରେ ଚାଷ ଜମିରୁ ନିଆଁ ଲାଗି ପୋଡ଼ିଯାଇଛି। ଏଥିରେ ରିଷିଡାର ଅଗ୍ରଣୀ ଚାଷୀ ପ୍ରମୋଦ କୁମାର ସାହୁ (ଟୁନୁ)ଙ୍କ ପ୍ରାୟ ୧ ହଜାର ଫଳନ୍ତି କଦଳୀ ଗଛ, ଶହେ ଫଳନ୍ତି ଆମ୍ବ ଗଛ ସମେତ ଲବଙ୍ଗ ଗଛ, ଡାଲଚିନି, ପିସ୍ତା ବାଦାମ, ସପେଟା, କାଜୁ, ଜାମରୋଲ, କାଜୁ ପ୍ରଭୃତି ଦାମୀ ଗଛଗୁଡିକ ନିଆଁରେ ପୋଡି ନଷ୍ଟ ହୋଇଯାଇଛି। ଏଥି ସହିତ ଫଳ ବଗିଚାରେ ବୁନ୍ଦା ଜଳସେଚନରେ ଲାଗିଥିବା ପାଇପଗୁଡିକ ପୋଡିଯାଇଛି। ପ୍ରାୟ ଲକ୍ଷାଧିକ ଟଙ୍କାର ଗଛ ପୋଡି ଯାଇଥିବା ଚାଷୀ ପ୍ରମୋଦ ପ୍ରକାଶ କରିଛନ୍ତି। ଫଳ ବଗିଚାଠାରେ ପ୍ରାୟ ୨୦୦ ମିଟର ଦୂର ତେଲ ନଦୀ ରାସ୍ତା କଡ ଚାଷ ଜମିରୁ ନିଆଁ ବାହାରି ନିକଟସ୍ଥ ଫଳ ବଗିଚାରେ ନିଆଁ ଲାଗିଥିଲା। ନିଆଁ ଲାଗିବା ଖବର ଚାଷୀ ଅପରାହ୍ନ ୫ଟାରେ ପାଇଥିଲେ। କର୍ଲାମୁଣ୍ଡା ଦମକଳ କେନ୍ଦ୍ରକୁ ଖବର ଦେବା ପରେ ସନ୍ଧ୍ୟାରେ ଏହି ନିଆଁକୁ ଆୟତ୍ତ କରାଯାଇଥିଲା। ପୌରକେଲା ନଦୀ କୂଳଠାରେ ଥିବା ଫଳ ବଗିଚାଠାରୁ ଚାଷୀଙ୍କର ଘର ରିଷିଡା ପ୍ରାୟ ୫ କି.ମି. ଦୂର ହୋଇଥିବା ଯୋଗୁ ନିଆଁ ଲାଗିବା ଖବର ଜାଣିପାରି ନ ଥିଲେ। ପ୍ରକାଶ ଯେ, ଏହି ବ୍ଲକର ଅଗ୍ରଣୀ ଚାଷୀ ଭାବେ ପ୍ରମୋଦ ପ୍ରାୟ ଅଢ଼େଇ ଏକର ଜମିରେ କଦଳୀ ଚାଷ କରି ଚାଷୀମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଏଥିପାଇଁ ସରକାରୀ ଓ ବେସରକାରୀ ପକ୍ଷରୁ ବିଭିନ୍ନ ପୁରସ୍କାର ପାଇଛନ୍ତି। ଚଳିତବର୍ଷ ପ୍ରଥମ ଥର ଆମ୍ବ ଆସିଥିବା ଗଛ ପୋଡି ଯାଇଥିବାରୁ ଚାଷୀ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛନ୍ତି। ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବିହେଉଛି।

# କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କୁ ଜରିମାନା

**ସୋନପୁର, ୨୩।୩(ନି.ପ୍ର.)**

ରାଜ୍ୟରେ ପୁଣି ସକ୍ରିୟ ହୋଇଛି କରୋନା ଭୂତାଣୁ। କୋଭିଡ ୧୯ର ଦ୍ୱିତୀୟ ଲହର ମାଡି ଚାଲିଥିବା ବେଳେ ସଂକ୍ରମଣ ବୃଦ୍ଧି ଚିନ୍ତା ବଢାଇଛି। ତେଣୁ ପ୍ରଶାସନ ତତ୍ପର ହୋଇଉଠିଛି। ସୋନପୁର ସହରରେ କୋଭିଡ ନିୟମ ଉଲ୍ଲଂଘନକାରୀଙ୍କଠାରୁ ପ୍ରଶାସନ ପକ୍ଷରୁ ଜରିମାନା ଆଦାୟ କରାଯାଉଛି। ଏହିକ୍ରମରେ ୩ଟି ବ୍ୟବସାୟ ପ୍ରତିଷ୍ଠାନ ଓ ମାସ୍କ ପିନ୍ଧି ନଥିବା ବ୍ୟକ୍ତି ବିଶେଷଙ୍କୁ ଜରିମାନା ହୋଇଛି। ସରକାରଙ୍କ କୋଭିଡ୍ ନିୟମକୁ ପାଳନ କରିବାକୁ ଯାଇ ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁରଙ୍କ ନେତୃତ୍ୱରେ ଏସଡିପିଓ ମିହିର କୁମାର ପଣ୍ଡା, ତହସିଲଦାର ନବୀନ କୁମାର ପାଢୀ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ ଓ ସୋନପୁର ଆଇଆଇସି ପୁଷ୍ପେନ୍ଦୁ ସାଗର ଚଢାଉ କରିଥିଲେ। କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ପଟାଭାଡିସ୍ଥିତ ଦେବଯାନୀ ଫିଲିଙ୍ଗ ଷ୍ଟେଶନ, ଜୟଗୁରୁ ମାର୍କେଟ୍ ସ୍ଥିତ ସମଲେଶ୍ୱରୀ ନର୍ସିଂହୋମ ଓ ଷ୍ଟେଟ ବ୍ୟାଙ୍କ ସମ୍ମୁଖ ଗୁପ କଲେକ୍ସନ ସତ୍ତ୍ୱାଧିକାରୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ସେହିପରି ସର୍ବସାଧାରଣରେ ମାସ୍କ ପିନ୍ଧି ନଥିବା ବିଭିନ୍ନ ବ୍ୟକ୍ତିଙ୍କଠାରୁ ମୋଟ ୮ ହଜାର ୫୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢାଉ ପରେ ଆଇନ ଉଲ୍ଲଂଘନକାରୀଙ୍କ ମଧରେ ଏବେ ଛନକା ପଶିଛି।

# କୋମନା ଅଞ୍ଚଳରେ ପୁଣି ଅଜଣାଜନ୍ତୁ ଆତଙ୍କ

**ନୂଆପଡା ଅଫିସ, ୨୩।୩**



ନୂଆପଡ଼ା ଜିଲା କୋମନା ଅଞ୍ଚଳରେ ପୁଣି ଦେଖାଦେଇଛି ଅଜଣା ଜନ୍ତୁର ଆତଙ୍କ। ଅଜଣାଜନ୍ତୁ ଆକ୍ରମଣରେ ୧୭ଟି ବତକ ଓ କୁକୁଡା ମରିଯାଇଥିବା ବେଳେ ୨ଟି ବତକ ଖାଇଦେଇଥିବା ଅଭିଯୋଗ ହୋଇଛି। କୋମନା ବନାଞ୍ଚଳ ଭରୁଆମୁଣ୍ଡା ଗାଁରେ ଏକ ମାସ ପୂର୍ବେ କଲରାପତରିଆ ବାଘ ରାତିରେ ଗାଁରେ ପଶି ଗୋଟିଏ ବଳଦକୁ ଆକ୍ରମଣ କରିଥିବା ବେଳେ ଗୋଟିଏ ବାଛୁରୀ, ମେଣ୍ଢା ଓ ଛେଳିକୁ ଖାଇଥିଲା। ପୁଣି ସେହି ଗାଁରେ ସୋମବାର ରାତିରେ ଶ୍ୟାମ ସୁନ୍ଦର ମାଝିଙ୍କ ବତକ ଗୁହାଳରେ ଅଜଣାଜନ୍ତୁ ପଶି ୧୭ଟି ବତକଙ୍କୁ ମାରି ଦେଇଥିବା ବେଳେ ୨ଟି ବତକକୁ ଖାଇଛି। ସେଥିରେ କେତେ କୁକୁଡା ମଧ୍ୟ ରହିଥିଲା। ମଙ୍ଗଳବାର ସକାଳୁ ଗୁହାଳ ଖୋଲିଲା ବେଳକୁ ୧୭ଟି ବତକ ଓ କିଛି କୁକୁଡା ମରି ପଡିଥିବା ବେଳେ ୨ଟି ବତକକୁ ନେଇ ଖାଇଦେଇଥିବା ଜଣାପଡିଛି। ଶ୍ୟାମ ସୁନ୍ଦର ଜଣେ ସଫଳ ବତକ ଚାଷୀ। ସେ ବତକ ଚାଷ କରି ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରନ୍ତି। ଅଜଣା ଜନ୍ତୁ ଖାଇଦେଇଥିବାରୁ ଚିନ୍ତାରେ ପଡି ଯାଇଛନ୍ତି। ଅଜଣାଜନ୍ତୁ ଯୋଗୁ ଗାଁରେ ଲୋକେ ଭୟଭିତ ହୋଇପଡିଛନ୍ତି। ବନ୍ୟପ୍ରାଣୀ ବିଭାଗ ଦୃଷ୍ଟି ଦେଇ ଆକଳନ କରି ସରକାରୀ ସହଯୋଗ ଯୋଗାଇ ଦେବା ପାଇଁ ଦାବି ହେଉଛି।

# ଧାରଣାରେ ବସିଲେ ଚାଷୀ

**ବରଗଡ଼ ଅଫିସ୍, ୨୩।୩**



ଜିଲାପାଳଙ୍କ ଅଫିସ ଆଗରେ ଚାଷୀଙ୍କ ଧାରଣା।

**ଚାଷୀ ପଞ୍ଜୀକରଣରେ ଅବ୍ୟବସ୍ଥା**

ବରଗଡ଼ ଜିଲାରେ ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ତେବେ ପଞ୍ଜୀକରଣରେ ଅବ୍ୟବସ୍ଥା ପ୍ରତିବାଦରେ ମଙ୍ଗଳବାର ବରଗଡ଼ ବ୍ଲକ ତୋରା ପଞ୍ଚାୟତର ଶତାଧିକ ଚାଷୀ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ଅତିରିକ୍ତ ସମବାୟ ଉପନିବନ୍ଧକ ଭକ୍ତବନ୍ଧୁ ସାହୁ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଧାରଣାସ୍ଥଳକୁ ଆସି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା। ପରେ ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ ଧାରଣାସ୍ଥଳକୁ ଆସିଥିଲେ ଏବଂ ଆଲୋଚନା ପରେ ଆସନ୍ତା ୨୭ତାରିଖରେ ତୋରା ସମବାୟ ସମିତିକୁ ଯାଇ ଚାଷୀଙ୍କ ଦାବି ଉପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ଚାଷୀମାନେ ଧାରଣାରୁ ଉଠିଥିଲେ। ଚାଷୀନେତା ଲକ୍ଷ୍ମଣ ନନ୍ଦ, ଲିପସିଦ୍ ମିଶ୍ରଙ୍କ ସମେତ ଶତାଧିକ ଚାଷୀ ଧାରଣାରେ ସାମିଲ ହୋଇଥିଲେ।

ପ୍ରକାଶ ଯେ, ତୋରା ଗ୍ରାମ ସମ୍ପୂର୍ଣ୍ଣ ଜଳସେଚିତ ଅଞ୍ଚଳ ହୋଇଥିବାବେଳେ ଗତବର୍ଷ ଭଳି ଏଥର ମଧ୍ୟ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ପତିତ, ବର୍ଛା କିସମ ଜମିକୁ ପଞ୍ଜୀକରଣ, ନବୀକରଣରୁ ବାଦ୍ ଦିଆଯାଇଛି। ଏପରିକି ଚଳିତବର୍ଷ ଆଁଟ୍ କିସମ ଜମିର ପଞ୍ଜୀକରଣ, ନବୀକରଣର ବିକଳ୍ପ ବ୍ୟବସ୍ଥା ଉପରେ ଉଲ୍ଲେଖ ହୋଇନାହିଁ। ଅପରପକ୍ଷେ ଜଳର ପ୍ଲାବତା ଦୃଷ୍ଟିରୁ ଉକ୍ତ କିସମ ଜମିରେ ଧାନଚାଷ ଛଡ଼ା ଅନ୍ୟ କିଛି ଚାଷ ସମ୍ଭବପର ହେଉନାହିଁ। ସେହିପରି ତୋରା ଗ୍ରାମ ଚକବନ୍ଦୀ ପ୍ରକ୍ରିୟାରୁ ବାଦ୍ ପଡ଼ିଛି। ମାତ୍ର ଉକ୍ତ ଗ୍ରାମର ଜମିଜମା ରେକର୍ଡ଼ ରାଜସ୍ୱ ବିଭାଗକୁ ହସ୍ତାନ୍ତର ହୋଇନାହିଁ। ବିଭାଗୀୟ ଅପାରଗତା ଯୋଗୁ ଚାଷୀଙ୍କୁ ପଞ୍ଜୀକରଣଠାରୁ ଆରମ୍ଭ କରି ବହୁବିଧ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଫଳରେ ଚାଷୀ ପଞ୍ଜୀକରଣ, ନବୀକରଣ ପ୍ରକ୍ରିୟାକୁ ସରଳୀକରଣ କରିବା, ଅନ୍‌ଲାଇନ ବ୍ୟତୀତ ଅଫଲାଇନ୍‌ରେ ଖଜଣା ଆଦାୟ, ପତିତ, ଆଁଟ୍, ବର୍ଛା କିସମ ଜମିକୁ ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ, ଆଧାର କାର୍ଡ଼କୁ ବାଧ୍ୟତାମୂଳକ କରା ନ ଯିବା, ତୋରା ଗ୍ରାମର ଜମିଜମାକୁ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରିବାକୁ ଦାବି ହୋଇଛି।

## ଗାଡି ସିଟ୍‌ରେ ଟଳି ପଡିଲେ ଡ୍ରାଇଭର

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ମ୍ୟୁନିସିପାଲିଟିରେ କାର୍ଯ୍ୟରତ ଡ୍ରାଇଭର ରଞ୍ଜିତ ପୁଟେଲ (୪୨)ଙ୍କ ମଙ୍ଗଳବାର ପୂର୍ବାହ୍ନରେ ମୃତ୍ୟୁ ଘଟିଛି । ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପଙ୍କୁ ଅଫିସକୁ ଆଣିବା ପାଇଁ ତାଙ୍କ ପ୍ୟାଲେସଲାଇନ୍ ସ୍ଥିତ ବାସଭବନକୁ ରଞ୍ଜିତ ବୋଲେରୋ ନେଇ ଯାଇଥିଲେ । ଦୀପ ଘରୁ ବାହାରିଲା ପରେ ଗାଡି ଡ୍ରାଇଭର ରଞ୍ଜିତ ସିଟ୍‌ରେ ଅଚେତ ହୋଇପଡିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡାକ୍ତର କହିଛନ୍ତି । ତେବେ ହୃଦ୍‌ଘାତରୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି ।

## ସଂକ୍ଷେପରେ

### ବୃଦ୍ଧଙ୍କ ଗଳିତ ମୃତଦେହ ଜବତ

**ନୂଆପଡା ଅଫିସ, ୨୩।୩:** ନୂଆପଡା ସଦର ଥାନା ପଟପର ଜଙ୍ଗଲରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଲୁକୁପାଲି ଗାଁର ଭିକାରୀ ରାଉତ (୬୦)। ପୋଲିସ ଶବ ବ୍ୟାବଚ୍ଛେଦ କରି ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗତ ୧୬ ତାରିଖରେ ଭିକାରୀ କୌଣସି କାମରେ ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ୧୮ ତାରିଖରେ ନିଖୋଜ ହୋଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ସୋମବାର ଅପରାହ୍ନରେ ପଟପର ଜଙ୍ଗଲରେ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ମୃତଦେହ ଚିହ୍ନଟ କରିଥିଲେ।

### ଆହତଙ୍କୁ ଉଦ୍ଧାର କଲେ ଶିକ୍ଷକ

**ବରଗଡ଼ ଅଫିସ୍,୨୩।୩:** ପଦ୍ମପୁର ଉପଖଣ୍ଡ ପାଇକମାଳ ବିଜୁ ଏକ୍ସପ୍ରେସର ଗୌରଜୁରୀ ଛକରେ ମଙ୍ଗଳବାର ଦୁର୍ଘଟଣାରେ ୩ଜଣ ଯୁବକ ଆହତ ହୋଇଥିଲେ। ଆହତମାନେ ହେଲେ ପାଇକମାଳ ବ୍ଲକ ମଖନାମୁଣ୍ଡାର ନୂର୍ତନ କେତକୀ, ପ୍ରଦୀପ ମଲ୍ଲିକ ଓ ବେଦ ମଲ୍ଲିକ। ସେହି ରାସ୍ତାରେ ଯାଉଥିବା ଯୋଖିପାଲିର ଶିକ୍ଷକ ଦିବସ କୁମାର ସାହୁ ପାଖରେ ରହିଥିବା ଫାଷ୍ଟ ଏଡ୍ ବକ୍ସରୁ ଔଷଧ ବାହାର କରି ଆହତଙ୍କ କ୍ଷତ ସ୍ଥାନରେ ଲଗାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ଥିବାରୁ ଶିକ୍ଷକ ସାହୁ ତାଙ୍କୁ ପାଇକମାଳ ଡାକ୍ତରଖାନାରେ ପହଞ୍ଚାଇଥିଲେ ।

### ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ

**ଜୁନାଗଡ, ୨୩।୩ (ଡି.ଏନ.ଏ.):** ଜୁନାଗଡ ପ୍ରିୟ ଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜରେ ମୋ କଲେଜ ଅଭିଯାନ ୱେବ ପୋର୍ଟାଲର ଲୋକାର୍ପଣ ହୋଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରମାନେ ଯୋଗଦେଇଥିଲେ। ଅତିଥିଭାବେ ଶିକ୍ଷାବିତ୍ ତ୍ରିଲୋଚନ ସିଂ ବେଲଦାର, ପୂର୍ବତନ ଏନଏସି ଅଧକ୍ଷ ମହେଶ କୁମାର ସାହୁ, ବିଭୁତି ଭୂଷଣ ପଣ୍ଡା, ସରୋଜ ପଣ୍ଡା, ଉଦ୍ଧବ ସାହୁ, ଫିରୋଜ ବାରିକ, ନରେନ୍ଦ୍ର କ୍ଷିତୀ, କାର୍ଯ୍ୟକ୍ରମ ସଂଯୋଜକ ସମୀର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କଲେଜ କର୍ମଚାରୀ ଅରୁପାନନ୍ଦ ନାଗ, ଦେଶରାଜ ରାଉତ, ନେତ୍ରାନନ୍ଦ ପ୍ରଧାନ, ସଦାନନ୍ଦ ମରାଇ ପ୍ରମୁଖଙ୍କ ସହ କଲେଜ ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ। ଅଧାପକ ପ୍ରିୟବ୍ରତ ବାଣୁଆ ମଞ୍ଚ ପରିଚାଳନା କରିଥିଲେ।

### ହୋଲି ଉପରେ ଜିଲା ପ୍ରଶାସନର କଟକଣା

**ଭବାନୀପାଟଣା, ୨୩।୩ (ଡି.ଏନ.ଏ.):** ଦେଶରେ ଦ୍ୱିତୀୟ ଲହର କରୋନାର ପ୍ରତିଷେଧକ ପାଇଁ ରାଜ୍ୟ ସରକାର ଆଗାମୀ ଦୋଳ ପୂର୍ଣ୍ଣିମା ଓ ହୋଲି ଖେଳ ଉପରେ କଟକଣା ଲାଗୁ କରିଛନ୍ତି। କଳାହାଣ୍ଡି ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ଭବାନୀପାଟଣା ପୌରାଞ୍ଚଳ ସମେତ ସାରା ଜିଲାରେ ଦୋଳଯାତ୍ରା ଓ ହୋଲି ଖେଳ ଉପରେ କଟକଣା ଘୋଷଣା କରିଛନ୍ତି। ପ୍ରଶାସନର ଉକ୍ତ ଘୋଷଣା ଅନୁଯାୟୀ କୋଭିଡ୍‌ର ସମସ୍ତ ନିୟମ ମାନି ମନ୍ଦିରରେ ରୀତିନୀତି ଅନୁଯାୟୀ ଦୋଳ ଉତ୍ସବ ପାଳନ କରାଯିବ। ଲୋକମାନେ ନିଜ ଘରେ ହୋଲି ଖେଳିବେ। ସର୍ବସାଧାରଣ ସ୍ଥାନରେ କୌଣସି ଉତ୍ସବ କିମ୍ବା ହୋଲି ଖେଳ ଉପରେ ପ୍ରଶାସନ ବାରଣ କରିଛି।

### ମୋ ସ୍କୁଲ ଅଭିଯାନରେ ଅର୍ଥଦାନ କଲେ ପ୍ରାକ୍ତନ ଛାତ୍ରୀଛାତ୍ର

**ବେଲପଡ଼ା, ୨୩।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା କାନୁଟ ହାଇସ୍କୁଲ ୧୯୯୨ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉତ୍ସବ କାନୁଟ ହାଇସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଣିକାନ୍ତି ପାଣିଗ୍ରାହୀଙ୍କୁ ପୁରାତନ ଛାତ୍ରୀଛାତ୍ରମାନେ ୩୦ହଜାର ଟଙ୍କା ମୋ ସ୍କୁଲ ଅଭିଯାନରେ ସାମିଲ ପାଇଁ ଦାନ କରିଥିଲେ। ଏହି ଅବସରରେ ବନିଆ ସାହୁ, ନିରୁପମା ସାହୁ, ଲାବନ୍ୟ ଧରୁଆ, ଶ୍ରୀରାମ ମେହେର, ତ୍ରିନାଥ ସାହୁ, ଶଶୀ ଭୂଷଣ, ହିରଣ୍ମୟ କରୁଆଁ, ରଘୁ ରାଜ ପ୍ରଧାନ, ଗୋବର୍ଦ୍ଧନ ବେହେରା, ଅନୀଲ ବେହେରା, ସଚ୍ଚିଦାନନ୍ଦ ବେହେରା, ଦେବାର୍ଚ୍ଚନ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

# ୨୧ଲକ୍ଷ ଲୁଟ୍ ଘଟଣାର ପର୍ଦ୍ଦାଫାଶ

**ସୋନପୁର,୨୩।୩(ନି.ପ୍ର.)**

- ଏଟିଏମ୍ ଅଫିସର ମାଷ୍ଟର ମାଇଣ୍ଡ
- ୧୫.୩୦ଲକ୍ଷ ଟଙ୍କା ଜବତ, ୫ ଗିରଫ
- ୫ ବାଇକ୍, ୧୦ ମୋବାଇଲ ଜବତ



ସୁବର୍ଣ୍ଣପୁର ଏସ୍‌ପି ସୀତାରାମ ଶତପଥୀ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

ସୁବର୍ଣ୍ଣପୁର ପୋଲିସ ଗତ ୧୭ ତାରିଖରେ ବନ୍ଧୁକ ମୁନରେ ହୋଇଥିବା ୨୧ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ମାଷ୍ଟରମାଇଣ୍ଡଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଆମ୍ବପଖାଳ ଗ୍ରାମର ଉତ୍ତମ କୁମାର ଦୀପ(୨୧), ମନମୁଣ୍ଡା ଥାନା ଗୋହିରପିଟା ଗ୍ରାମର ଅମ୍ବୁଜ ବେହେରା(୨୮), ମନମୁଣ୍ଡା ଥାନା ଡିଗି ଗ୍ରାମର ଅବଦୁଲ ଓରଫ ଶର୍ଦ୍ଦୁଳ ଗାଇଗରିଆ(୩୨), ବୌଦ୍ଧ ଜିଲା କନ୍ଧମାଳ ଥାନା ଖଲିଆମୁଣ୍ଡା ଗ୍ରାମର ହରିବୋଲ ଷାଣ୍ଢ(୩୦) ଓ ସୋନପୁର ସହର ଘୋଡ଼ାଘାଟପଡ଼ାର ସୁନୀଲ କୁମାର ମହାରଣା(୨୮)। ସେମାନଙ୍କ ନିକଟରୁ ନଗଦ ୧୫ ଲକ୍ଷ ୩୦ହଜାର ଟଙ୍କା ଜବତ ହୋଇଛି। ଅଭିଯୁକ୍ତଙ୍କ ନିକଟରୁ ଲୁଟ୍‌ରେ ବ୍ୟବହୃତ ୫ଟି ବାଇକ୍ ଓ ୧୦ଟି ମୋବାଇଲ ଜବତ ହୋଇଛି। ଅଭିଯୁକ୍ତ ଛାଡ଼ି ଯାଇଥିବା ସୁରାକ ଓ ଗୋଇନ୍ଦା ସୂଚନାକୁ ଆଧାର କରି ଅଭିଯୁକ୍ତଙ୍କ ନିକଟରେ ପୋଲିସ ପହଞ୍ଚିଥିବା ମଙ୍ଗଳବାର ଏସ୍‌ପି ସୀତାରାମ ଶତପଥୀ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଏସ୍‌ପିଙ୍କ କହିବାନୁସାରେ ଭୁବନେଶ୍ୱରସ୍ଥିତ ରାଇଟର ସେଫ୍‌ଗାର୍ଡ ଏଜେନ୍ସିର ଏଟିଏମ୍ ଅଫିସର ସୁନୀଲ କୁମାର ମହାରଣା ଘଟଣାର ମାଷ୍ଟର ମାଇଣ୍ଡ। ସେ ଅମ୍ବୁଜ ଓ ହରିବୋଲଙ୍କ ସହିତ ମିଶି ଯୋଜନା ପ୍ରସ୍ତୁତ କରିଥିଲେ। ଘଟଣା ଦିନ ସଂସ୍ଥାର ଅନ୍ୟତମ ଏଟିଏମ୍ ଅଫିସର ସୋନପୁର ବ୍ଲକ ଛକ ଅଞ୍ଚଳର ସୁଧାଂଶୁ ପଧାନ ସୋନପୁର ଓ ଉଲୁଣ୍ଡା ଏଟିଏମ୍‌ରେ ଟଙ୍କା ଭରିବା ପାଇଁ ବ୍ୟାଙ୍କ ଅଫ୍ ବରୋଦା ସୋନପୁର ଶାଖାରୁ ୩୮ଲକ୍ଷ ଟଙ୍କା ଉଠାଇଥିଲେ। ସୁଧାଂଶୁ ସୋନପୁର ମୁଖ୍ୟ ଶାଖା ନିକଟରେ ଥିବା ଏଟିଏମ୍‌ରେ ପ୍ରଥମେ ୧୭ଲକ୍ଷ ଟଙ୍କା ଭରିଥିଲେ। ସୁନୀଲ ଆସିବାରେ ବିଳମ୍ବ କରିବାରୁ ବାକି ୨୧ଲକ୍ଷ ଟଙ୍କାକୁ ସେ ବ୍ୟାଗ୍‌ରେ ଭର୍ତ୍ତି କରି ଉଲୁଣ୍ଡା ଅଭିମୁଖେ ବାଇକ୍‌ରେ ଏକୁଟିଆ ଯାଉଥିଲେ। ବୀରମହାରାଜପୁର ଥାନା ବାଘଲପୁର ଛକ ନିକଟରେ ୬ଜଣ ଦୁର୍ବୃତ୍ତ ୪ଟି ବାଇକ୍‌ରେ ଆସି ସୁଧାଂଶୁଙ୍କୁ ଧକ୍କା ଦେଇଥିଲେ। ସେ ତଳେ ପଡିଯିବା ପରେ ବନ୍ଧୁକ ଓ ଭୁଜାଲି ଦେଖାଇ ସେମାନେ ୨୧ଲକ୍ଷ ଟଙ୍କା ଓ ମୋବାଇଲ ଫୋନ୍ ଲୁଟିନେଇ ଫେରାର ହୋଇଯାଇଥିଲେ। ପରେ ଲୁଟ୍ ଟଙ୍କାକୁ ନିଜ ଭିତରେ ବାଣ୍ଟି ନେଇଥିଲେ। ଅନ୍ୟପକ୍ଷେ ସୁନୀଲ ମହାରଣା ସୁଧାଂଶୁଙ୍କ ନିକଟରେ ପହଞ୍ଚି ଧରା ନ ପଡ଼ିବା ପାଇଁ ମିଛ ଅଭିନୟ କରିଥିଲେ। ଠିକା ସଂସ୍ଥା ରାଇଟର ସେଫ୍‌ଗାର୍ଡ ଏଜେନ୍ସିର ଏକ୍‌ଜିକ୍ୟୁଟିଭ୍ ଏଟିଏମ୍‌ଓ ଭାବେ ସୁଧାଂଶୁ ପଧାନ ଓ ସୁନୀଲ ମହାରଣା କାର୍ଯ୍ୟ କରୁଥିଲେ। ଦୁହେଁ ବ୍ୟାଙ୍କ୍ ଅଫ୍ ବରୋଦା ସୋନପୁର ଶାଖାରୁ ଟଙ୍କା ଉଠାଇ ସୋନପୁର, ଉଲୁଣ୍ଡା ଓ ବିନିକାସ୍ଥିତ ଏଟିଏମ୍‌ରେ ଟଙ୍କା ଭରୁଥିଲେ। ବାଇକ୍‌ରେ ଟଙ୍କା ନେଇ ସେମାନେ ବିଭିନ୍ନ ସ୍ଥାନକୁ ଯାଉଥିଲେ। ଘଟଣା ଦିନ ସୁନୀଲ ଏଜେନ୍ସିର କାର୍ଯ୍ୟ ନ କରି ଅଭିଯୁକ୍ତଙ୍କ ସହିତ ମିଶି ଟଙ୍କା ଲୁଟ୍ ଯୋଜନା କରିଥିଲେ। ସୁଧାଂଶୁଙ୍କ ଅଭିଯୋଗକ୍ରମେ ବୀରମହାରାଜପୁର ଥାନାରେ ଏକ ମାମଲା(ନଂ.୫୨/୨୧)ରୁଜୁ ହୋଇଥିଲା। ହେଡକ୍ୱାର୍ଟର୍ସ ଡିଏସ୍‌ପି ସତ୍ୟଜିତ ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା।

# ହଳଦୀ ଗାଁରେ ପୁଣି ବାଘ ଆତଙ୍କ

**ନୂଆପଡା ଅଫିସ, ୨୩।୩**

**ବାଘର ଗତିବିଧି ଉପରେ ନଜର**

ନୂଆପଡା ଜିଲା ଖରିଆର ରୋଡ ବନାଞ୍ଚଳ ଢୁମେରପାଣି ପଞ୍ଚାୟତର ହଳଦୀ ଗାଁରେ ପୁଣି ବାଘ ଦେଖି ଗାଁ ଲୋକେ ଭୟଭିତ ହୋଇ ପଡିଛନ୍ତି। ବାରମ୍ବାର ଏହି ଜଙ୍ଗଲକୁ ବାଘ ପଇଁତରା ମାରୁଥିବାରୁ ଲୋକଙ୍କ ନିଦ ହଜାଇ ଦେଇଛି। ସୋମବାର ସନ୍ଧ୍ୟାରେ ନିକଟରେ ଥିବା ହଳଦୀ ଜଙ୍ଗଲ ପାହାଡ ଉପରେ ସାରଦା ଦେବୀ ମନ୍ଦିର ନିକଟ ପଥର ଚଟାଣ ଉପରେ ଏକ କଲରାପତରିଆ ବାଘ ବୁଲୁଥିବା ଦୃଶ୍ୟ ଗାଁର ରାଜକୁମାର ଚେଲକ ନାମକ ଯୁବକ ନିଜ କ୍ୟାମେରାରେ କଏଦ କରିଥିଲେ। ଏହି ସମୟରେ ଗାଁର ଅନେକ ଲୋକ ବାଘ ବୁଲୁଥିବା ଦେଖିଥିଲେ। ବନ ବିଭାଗ ସୂତ୍ରରୁ ପ୍ରକାଶ ଯେ, ସେହି ଜଙ୍ଗଲରେ ନିଆଁ ଲାଗିଥିଲା। ନିଆଁ ଲିଭାଇଲୁ, ହେଲେ ବାଘ ଦେଖିବାକୁ ମିଳିନାହିଁ। ଲୋକଙ୍କ ଅଭିଯୋଗକ୍ରମେ ଖରିଆରରୋଡ ବନ ବିଭାଗ କର୍ମଚାରୀମାନେ ହଳଦି ଜଙ୍ଗଲ ତଳିଗାଁରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରୁଛନ୍ତି। ଦିନ ହେଉ ବା ରାତିରେ ତାଟିକବାଟ ବନ୍ଦ କରି ରହିବା ସହ ସଙ୍ଗବଦ୍ଧ ହୋଇ ଠେଙ୍ଗାବାଡି ଧରି ବାହାରକୁ ଯିବା ପାଇଁ ପରାମର୍ଶ ଦେଉଛନ୍ତି। ବର୍ତ୍ତମାନ ବନ ବିଭାଗ ଗାଁରେ ପଏଁତରା ମାରି ବାଘର ଗତିବିଧି ଉପରେ ନଜର ରଖିଛନ୍ତି।

# ସୁବର୍ଣ୍ଣପୁରରେ ମହାନଦୀ ଉତ୍ସବ-୨୦୨୧



କବି ନବୀନ କୁମାର ପଣ୍ଡାଙ୍କୁ ମହାନଦୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି।

**ସୋନପୁର,୨୩।୩(ନି.ପ୍ର.)**

**ମଞ୍ଚସ୍ଥ ହେଲା ନାଟକ ଗାନ୍ଧୀଙ୍କ ଓଡିଶା**

ସୁବର୍ଣ୍ଣପୁରର ଅଗ୍ରଣୀ ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦର ମହାନଦୀ ଉତ୍ସବ ଭୀମ ଭୋଇ କଳା ମଣ୍ଡପରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାହିତ୍ୟ ସମାଜର ଦର୍ପଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପିଡି ଡିଆରଡିଏ ଡୋଲାମଣି ପଟେଲ ଯୋଗଦାନ କରି ଗାନ୍ଧିଜୀଙ୍କ ଜୀବନୀ, ଆଦର୍ଶ ଓ ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଶାଶ୍ୱତ କୁମାର ତ୍ରିପାଠୀ ଓ ସଂସଦ ଉପସଭାପତି ଡକ୍ଟର ପୁରୁଷୋତ୍ତମ ମିଶ୍ର ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ଡକ୍ଟର ସୌରଭ ରଞ୍ଜନ ଖମାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅବିନାଶ ହୋତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ କବି ନବୀନ କୁମାର ପଣ୍ଡାଙ୍କୁ ମହାନଦୀ ସାହିତ୍ୟ ସମ୍ମାନ, ସଙ୍ଗୀତଜ୍ଞ ସୂର୍ଯ୍ୟ କୁମାର ଦାସଙ୍କୁ ମହାନଦୀ ନାଟ୍ୟ ସମ୍ମାନ, ଦଣ୍ଡନୃତ୍ୟ ଶିଳ୍ପୀ ମୀନକେତନ ସେଠ୍‌ଙ୍କୁ ମହାନଦୀ କଳା ଓ ସଙ୍ଗୀତ ସମ୍ମାନ ଓ ନାଟ୍ୟକାର ମନୋଜ କୁମାର ବାରିକ୍‌ଙ୍କୁ ମହାନଦୀ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦର ମୁଖପତ୍ର ଓଜସ୍, କବି ଡକ୍ଟର ପୁରୁଷୋତ୍ତମ ମିଶ୍ରଙ୍କ କବିତା ସଙ୍କଳନ ନନ୍ଦନବନର ଗପ ଓ ଗବେଷଣାଲବ୍ଧ ପୁସ୍ତକ ସୁବର୍ଣ୍ଣପୁରର ଲୋକସଂସ୍କୃତି ଏବଂ ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳଙ୍କ ଗଳ୍ପ ସଂକଳନ ମହିଖୁଣ୍ଟର ଛାଇକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନ ଶହେ ବର୍ଷ ପୂର୍ତ୍ତି ପାଳନ ଅବସରରେ ନାଟକ ଗାନ୍ଧୀଙ୍କ ଓଡିଶା ମଞ୍ଚସ୍ଥ ହୋଇଥିଲା। ଏହାର ନିର୍ଦ୍ଦେଶନା ଦେଇଥିଲେ ଡକ୍ଟର ପୁରୁଷୋତ୍ତମ ମିଶ୍ର ।

# ଶିକ୍ଷା, ସଂସ୍କାର ଉପରେ ଗୁରୁତ୍ୱ

**କୋକସରା, ୨୩।୩ (ଡି.ଏନ.ଏ.)**



ଭତରା ମହାସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଜିଲାସ୍ତରୀୟ ଭତରା ସମାଜର ବାର୍ଷିକ ମହୋତ୍ସବ**

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ସିଉନି ଶିବ ମନ୍ଦିର ପରିସରରେ ମଙ୍ଗଳବାର ଭତରା ସମାଜର ୧୬ତମ ଜିଲାସ୍ତରୀୟ ବାର୍ଷିକ ମହୋତ୍ସବ ତଥା ମହାସଭା ଅନୁଷ୍ଠିତ ହୋଇଯାଇଛି। କୋକସରା ଭତରା ସମାଜ ବ୍ଲକ ସଭାପତି ନୀଳକଣ୍ଠ ମାଝିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ସମ୍ମାନିତ ଅତିଥି ପୂର୍ବତନ ନବରଙ୍ଗପୁର ଏମ୍‌ପି ପର୍ଶୁରାମ ମାଝି ଯୋଗଦେଇ କଳାହାଣ୍ଡି ଓ ନବରଙ୍ଗପୁର ମଧ୍ୟରେ ଆମ ଭତରା ସମାଜର ପୁରୁଷ ଧରି ବନ୍ଧୁବାନ୍ଧବ ସମ୍ପର୍କ ରହିଛି। ଏଣୁ ଆଜି ମୋତେ ଏହି ମହୋତ୍ସବକୁ ନିମନ୍ତ୍ରଣ କରିଥିବାରୁ ମୁଁ କୃତଜ୍ଞ ବୋଲି କହିଥିଲେ। ଅତିଥିମାନଙ୍କ ମଧ୍ୟରେ ଧର୍ମଗଡ଼ ବ୍ଲକ ଅଧକ୍ଷ ବଳରାମ ପୂଝାରି, ବିଜୟ ଦିଶାରୀ, ଭତରା ସମାଜର ଆଦି ଗୁରୁ ତଥା ଶିକ୍ଷାବିଦ ବନମାଳୀ, ପ୍ରଫୁଲ୍ଲ ମାଝି, ଜିଲା ଉପସଭାପତି କୈଳାସ ଚନ୍ଦ୍ର ପୂଝାରି, ରାଷ୍ଟ୍ରୀୟ ଉପସଭାପତି ନବରଙ୍ଗପୁର ଗୋପାଳ ପୂଝାରୀ, କଳାହାଣ୍ଡି ଜିଲା ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଆମ ସମାଜର ଯୁବକଯୁବତୀମାନେ ପ୍ରତି କ୍ଷେତ୍ରରେ ଅନ୍ୟବର୍ଗର ଲୋକଙ୍କ ସହ ପାଦରେ ପାଦ ମିଶାଇ ବଢି ପାରିଛନ୍ତି। ଆଗାମୀ ଯୁବ ପିଢ଼ିକୁ ଶିକ୍ଷା ଓ ସଂସ୍କାର ଦେବା ଉପରେ ମହାସଭାରେ ଶପଥ ନେଇଥିଲେ। ଭତରା ସମାଜ ଜିଲା ସଭାପତି ସମାଜର ଦଶାହ ଓ ବିବାହ କାର୍ଯ୍ୟରେ ମଦ୍ୟପାନ ଉପରେ ସାମାଜିକ କଟକଣା ଲଗାଇବା ସହ ଏହି କାର୍ଯ୍ୟରେ ମହିଳାଙ୍କୁ ଗୁରୁଦାୟିତ୍ୱ ନେବାକୁ ପରାମର୍ଶ ଦେଇଥିଲେ। ଭତରା ମହାସଭାରେ ବିଭିନ୍ନ ବ୍ଲକରୁ ବହୁ ସଂଖ୍ୟାରେ ଭତରା ସମାଜର ପୁରୁଷ ଓ ମହିଳା ଯୋଗଦେଇଥିଲେ। କୋକସରା ବ୍ଲକ ନରେନ୍ଦ୍ର ଧଙ୍ଗଡ଼ାମାଝି, ସନ୍ତୋଷ ମାଝି, ଗୋବିନ୍ଦ ମାଝି, ନିତ୍ୟାନନ୍ଦ ମାଝି ପ୍ରମୁଖ ପରିଚାଳନାରେ ସକ୍ରିୟ ଭୂମିକା ତୁଲାଇଥିଲେ।

## ବେକରେ ଓଢଣି ଦେଇ ରେଞ୍ଜରଙ୍କ ସ୍ତ୍ରୀଙ୍କ ଆତ୍ମହତ୍ୟା

**ନୂଆପଡା ଅଫିସ, ୨୩।୩**

ନୂଆପଡା ଜିଲା ଜୋଙ୍କ ଥାନା ଖରିଆର ରୋଡସ୍ଥିତ କେନ୍ଦୁପତ୍ର ରେଞ୍ଜର ପ୍ରବୀଣ କୁମାର ବ୍ରହ୍ମାଙ୍କ ସ୍ତ୍ରୀ ଜ୍ୟୋତି ବ୍ରହ୍ମା (୨୭) ମଙ୍ଗଳବାର ସକାଳେ ବେକରେ ଓଢଣି ଦେଇ ଆତ୍ମହତ୍ୟା କରିଛନ୍ତି। ସକାଳ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଜ୍ୟୋତି ବୁଲୁଥିବା କର୍ମଚାରୀମାନେ ଦେଖିଥିଲେ। କିଛି ସମୟ ପରେ ରେଞ୍ଜରଙ୍କ ସରକାରୀ ବାସଭବନ ଭିତରୁ କିଛି ଶବ୍ଦ ହୋଇଥିଲା। କର୍ମଚାରୀମାନେ କବାଟ ବାଡେଇ ଡାକିଥିଲେ ହେଁ କିଛି ଉତ୍ତର ମିଳି ନ ଥିଲା। କବାଟ ଭାଙ୍ଗିଲା ପରେ ଜ୍ୟୋତି ବେକରେ ଓଢଣୀ ଦେଇ ପଙ୍ଖାରେ ଝୁଲି ଛଟପଟ ହେଉଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରେଞ୍ଜର ପ୍ରବୀଣଙ୍କ ଘର ବଲାଙ୍ଗୀର ଜିଲା ସିନ୍ଧେକେଲାରେ। ସେ ହରିୟାଣା ରାଜ୍ୟ ଯୁନଧନ ପାନିପଥର ଜ୍ୟୋତିଙ୍କୁ ବିବାହ କରିଥିଲେ। ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ହେପାଜତରେ ମୃତଦେହ ରହିଛି। ମୃତାଙ୍କ ପରିବାର ଲୋକେ ଆସିଲେ ବ୍ୟାବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ଜଣାପଡିବ ବୋଲି ପୋଲିସ କହିଛି।

# ମାରୱାଡି ସମାଜର ଜିଲାସ୍ତରୀୟ ସମ୍ମିଳନୀ

**ଭବାନୀପାଟଣା, ୨୩।୩ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ନିକଟ ଇଣ୍ଡିୟନ ଫୁଡ୍ ପାର୍କଠାରେ ରବିବାର ସନ୍ଧ୍ୟାରେ ମାରୱାଡି ସମାଜର ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସୁବାଷ ଚନ୍ଦ୍ର ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ସମାଜର ଅନେକ କର୍ମକର୍ତ୍ତା ଯୋଗଦେଇଥିଲେ। ସମାଜର ଉନ୍ନତିକରଣ ସହ ରାଜନୈତିକ ତଥା ସାମାଜିକ ସେବା କ୍ଷେତ୍ରରେ କିପରି ଉନ୍ନତି କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଜିଲା ସଭାପତି ଅଗ୍ରୱାଲ ଜିଲା ସଂଘକୁ ପରିଚାଳନା କରିବା ବିଭିନ୍ନ କ୍ଷେତ୍ର ପାଇଁ ଏକ ନୂତନ କମିଟି ଗଠନ କରିଥିଲେ। ଏହି କ୍ରମରେ ଜିଲା ଉପସଭାପତି ଭାବେ ଶଙ୍କର ଲାଲ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ପବନ ଅଗ୍ରୱାଲ, ବିଜୟ କୁମାର ଅଗ୍ରୱାଲ, ସୁନିଲ ଗୋୟଲ ପ୍ରମୁଖ ରହିଛନ୍ତି। ମିଡିଆ ସଂଯୋଜକ ଭାବେ ଜୁନାଗଡର ମୁକେଶ ଅଗ୍ରୱାଲ ଓ କେସିଙ୍ଗାର ବିନୋଦ କୁମାର ଜୈନ ମନୋନୀତ ହୋଇଛନ୍ତି। ସେହିପରି କୋର କମିଟି କାର୍ଯ୍ୟକାରୀ ସଦସ୍ୟ ଭାବେ ୯ଜଣ, ବ୍ରାଞ୍ଚ ସଭାପତି ଭାବେ ୮ଜଣ, କାର୍ଯ୍ୟକାରୀ ସଦସ୍ୟ ୧୦ଜଣ, ସାମାଜିକ ପଞ୍ଚାୟତ ପାଇଁ ୪, ବିବାହିକ ସମନ୍ୱୟ ଓ ପରିଚୟ ପାଇଁ ୩ଜଣ, ରାଜନିତି ଚେତନା ପାଇଁ ୬ଜଣ, ଜନଗଣନା ଓ ଜିବନୀ ତଥ୍ୟ ପାଇଁ ୪ଜଣ, ସ୍ୱାସ୍ଥ୍ୟସେବା ପାଇଁ ୪ଜଣ, ପ୍ରଶାସନିକ ସମ୍ମନ୍ୱୟ ପାଇଁ ୩ଜଣ, ସାମ୍ବିଧାନିକ ପାଇଁ ୪ଜଣ ସଦସ୍ୟ ରହିଛନ୍ତି।

# ନିମ୍ନମାନର ରାସ୍ତା କାମ ଅଭିଯୋଗ, ଅବଧି ପରେ ମଧ୍ୟ ସରୁନି

**ଭବାନୀପାଟଣା, ୨୩।୩ (ଡି.ଏନ.ଏ.)**

ଭବାନୀପାଟଣା ବ୍ଲକ ଲକ୍ଷ୍ମୀପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶ୍ରୀପୁରଠାରୁ ଭିର୍କାପଡା ପ୍ରଧାନମନ୍ତ୍ରୀ ସଡକ ଯୋଜାନରେ ୧୧୫୦ ମିଟର ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ଏଥିସହ ଉକ୍ତ ରାସ୍ତାର ଅବଧି ଶେଷ ହୋଇଥିଲେ ସୁଦ୍ଧା ଏଯାଏଁ ମାଟି ମଧ୍ୟ ପଡିନାହିଁ। ସୂଚନା ଯେ, ଉକ୍ତ ରାସ୍ତା ୨୦୧୯ ଅଗଷ୍ଟରେ କାର୍ଯ୍ୟ ଆରମ୍ଭ ହୋଇ ୨୦୨୦ ଅଗଷ୍ଟରେ ଶେଷ ହେବା କଥା । କିନ୍ତୁ ଏବେ ଯାଏଁ କାମ ଅଧା ମଧ୍ୟ ଶେଷ ହୋଇ ନ ଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨ କୋଟି ୯୦ ଲକ୍ଷ ବ୍ୟୟ ବରାଦରେ ଚାଲିଥିବା ଏହି ରାସ୍ତା କାମରେ ସୂଚନା ଫଳକ ନ ଥିବା ବେଳେ ନିର୍ମାଣାଧୀନ ସାଇଡ ୱାଲରେ କ୍ରଶର ମେଟାଲ ବ୍ୟବହାର କରାଯାଉ ନ ଥିବା ବେଳେ ଏଗ୍ରିମେଣ୍ଟ ମୁତାବକ ଲୁହାରଡ ମଧ୍ୟ ଦିଆଯାଉ ନାହିଁ । ଫଳରେ ନିର୍ମାଣାଧୀନ ବ୍ରିଜର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଅଭିଯୋଗ କଲେ ଠିକାଦାର ଗ୍ରାମବାସୀଙ୍କୁ ଧମକ ଦେଇ ମନଇଚ୍ଛା କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ପରେ ଖୋଦ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟ ତଦାରଖ କରି ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କୁ ତାଗିଦ କରିବା ସହ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ୩୩ ଜଣଙ୍କ ନାମରେ ମାମଲା ରୁଜୁ

**ବୌଦ୍ଧ,୨୩।୩(ସ୍ୱ.ପ୍ର.)**

**ବାସନ୍ଦ କରିବା ମହଙ୍ଗା ପଡ଼ିଲା**

ଗୋଟିଏ ପରିବାରକୁ ବାସନ୍ଦ କରିବା ଗ୍ରାମବାସୀଙ୍କୁ ମହଙ୍ଗା ପଡିଛି। ପୀଡିତ ପରିବାର ଏ ନେଇ ଅଦାଲତର ଦ୍ୱାରସ୍ଥ ହେବା ପରେ ବୌଦ୍ଧ ପୋଲିସ ୩୩ ଜଣ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାପଡିଛି। ପ୍ରକାଶ ଯେ, ହରଭଙ୍ଗା ବ୍ଲକ ଅଧୀନ ପରଗଳପୁର ଗ୍ରାମରେ ରାମଚନ୍ଦ୍ର ପ୍ରଧାନ ଓ ତାଙ୍କ ସାନ ଭାଇ ଲକ୍ଷ୍ମଣ ରୁହନ୍ତି। ଗତ ଜାନୁୟାରୀ ୧ ତାରିଖରେ ଲକ୍ଷ୍ମଣ ଗ୍ରାମର ଯୁବକମାନଙ୍କ ସହ ଭୋଜି କରିବାକୁ ଯାଇଥିଲେ। ଭୋଜିରୁ ଫେରିବା ପରେ ସେ କୌଣସି କାରଣରୁ ଗ୍ରାମରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ଗ୍ରାମରେ ଏକ ବୈଠକ ବସିଥିବା ବେଳେ ଗାଳିଗୁଲଜ କରିଥିବା ଯୋଗୁ ଉକ୍ତ ପରିବାରକୁ ୧୮ ହଜାର ଟଙ୍କା ଜରିମାନା କରାଯାଇଥିଲା। କିନ୍ତୁ ଜରିମାନା ଦେବାକୁ ନେଇ ଏହି ପରବାରକୁ ଗାଁରୁ ବାସନ୍ଦ କରାଯାଇଥିଲା। ଏପରି କି ରାମଚନ୍ଦ୍ରଙ୍କ ଝିଅ ବାହାଘର ପାଇଁ ଗତ ଜାନୁୟାରୀ ୨୬ ତାରିଖରେ ନିର୍ବନ୍ଧ ଥିବା ବେଳେ ଗ୍ରାମବାସୀ ହଇରାଣ କରିଥିଲେ। ଫଳରେ ଚଳିବା କଷ୍ଟକର ହୋଇପଡିଥିଲା। ଏନେଇ ଅଭିଯୋଗ ପରେ ବି ବୌଦ୍ଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଉକ୍ତ ପରିବାର ବୌଦ୍ଧ ଏସଡିଜେଏମଙ୍କ ଅଦାଲତର ଦ୍ୱାରସ୍ଥ ହୋଇଥିଲା। ଫଳରେ ଅଦାଲତ ପକ୍ଷରୁ ବୌଦ୍ଧ ପୋଲିସକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଦାଲତଙ୍କ ନିର୍ଦ୍ଦେଶ ପରେ ଗତ ୧୯ ତାରିଖରେ ପୋଲିସ ୩୩ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏନେଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱନୀ କହଁରଙ୍କୁ ପଚାରିବାରେ ଗ୍ରାମବାସୀଙ୍କୁ ବୁଝାଶୁଝା କରାଯାଇଥିଲା। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ବର୍ତ୍ତମାନ ଅଦାଲତଙ୍କ ଆଦେଶ ପରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

# ୧୦ ଦିନ ହେଲା ଜଳୁଛି ହାତୀଧରା ଜଙ୍ଗଲ

**ତଳଗାଁ ,୨୩।୩(ଡି.ଏନ.ଏ.)**

- ନିଆଁ ଥମିବାର ନା ନେଉନି
- ବନ୍ୟଜନ୍ତୁ ଗାଁ ମୁହାଁ



ହୁ ହୁ ହୋଇ ଜଳୁଛି ହାତୀଧରା ଜଙ୍ଗଲ।

ଗତ କିଛି ଦିନ ହେବ ଜଙ୍ଗଲ ନିଆଁ ବନ ବିଭାଗର ଚିନ୍ତା ବଢାଇ ଦେଇଛି । ଗୋଟିଏ ମୁଣ୍ଡରୁ ନିଆଁ ଲିଭାଇଲେ ଆର ମୁଣ୍ଡରୁ ଜଙ୍ଗଲ ହୁ ହୁ ହୋଇ ଜଳିବାରେ ଲାଗିଛି। ବନ ବିଭାଗ କର୍ମଚାରୀମାନେ ଦିନରାତି ପରିଶ୍ରମ କରି ନିଆଁ ଲିଭାଇ ଚାଲିଥିଲେ ହେଁ ଏହା ଥମିବାର ନାହିଁ। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମାଧପୁର ରେଞ୍ଜ ଅନ୍ତର୍ଗତ ହାତୀଧରା ଜଙ୍ଗଲରେ ୧୦ ଦିନ ହେଲା ଜଙ୍ଗଲ ଜଳୁଛି। ନିଆଁକୁ ଆୟତ୍ତ କରିବାରେ ବନ ବିଭାଗ ବିଫଳ ହୋଇଛି। ସୋମବାର ରାଣୀସାହି ପଟ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ସନ୍ଧ୍ୟା ବେଳେ ଗଣ୍ଡାପାଳୁ ଗ୍ରାମଠାରୁ ମାତ୍ର ୧ କିଲୋମିଟର ଦୂର ହାତୀଧରା ଜଙ୍ଗଲରେ ନିଆଁ ଲାଗିଥିବା ଦେଖି ଗ୍ରାମବାସୀ ଭୟଭୀତ ହୋଇ ଯାଇଥିଲେ। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗତ ଦଶବର୍ଷ ହେଲା ଜଙ୍ଗଲରେ ଏଭଳି ନିଆଁ ଲାଗିବା କେବେ ଦେଖାଯାଇ ନ ଥିଲା। ବୌଦ୍ଧ ମାନଚିତ୍ରରେ ହାତୀଧରା ଜଙ୍ଗଲର ଅନେକ ଗୁରୁତ୍ୱ ରହିଛି। ପଦ୍ମତୋଳା ଜଙ୍ଗଲକୁ ସଂଯୋଗ କରୁଥିବା ଏହି ଜଙ୍ଗଲରେ ରାଜାଙ୍କ ସମୟରେ ପ୍ରଜାମାନେ ବେଠି ଖଟି ଏହି ଜଙ୍ଗଲରେ ଶାଗୁଆନ ଗଛ ଲଗାଇଥିବାର କୁହାଯାଏ। ବର୍ତ୍ତମାନ ଜିଲାର ବଡ ଜଙ୍ଗଲ କହିଲେ ହାତୀଧରା,ମୁଣ୍ଡେଶ୍ୱର ଓ ପଦ୍ମତୋଳା ଜଙ୍ଗଲକୁ ବୁଝାଯାଏ। ହାତୀଧରା ଜଙ୍ଗଲ ମଧ୍ୟରେ ରହିଛି ଘଞ୍ଚ ଜଙ୍ଗଲ ଅଞ୍ଚଳ ଦାନିଗାଡୁ, କେରେଡିଗୁଲ୍ଲୁ, ବାଘଦଳି। ଏହି ଜାଗାମାନଙ୍କରେ ବର୍ଷ ତମାମ ପାଣି ରହିଥାଏ। ତେଣୁ ହାତୀ, ବାରହା, ସମ୍ବର, ହରିଣ, କୁଟୁରା ଆଦି ବନ୍ୟପ୍ରାଣୀ ଏହି ଅଞ୍ଚଳରେ ଦେଖାଯାଆନ୍ତି। କିନ୍ତୁ ବର୍ତ୍ତମାନ ଜଙ୍ଗଲରେ ନିଆଁ ଲାଗିଥିବା ଯୋଗୁଁ ବନ୍ୟଜନ୍ତୁ ଏବେ ଗ୍ରାମମୁହାଁ ହେବାରେ ଲାଗିଛନ୍ତି । ଫଳରେ ଜଙ୍ଗଲ ପାଖ ଗାଁ ଲୋକେ ଭୟରେ କାଳାତିପାତ କରୁଛନ୍ତି। ଏହାଛଡା ଜଙ୍ଗଲ ନିଆଁ ଯୋଗୁ ବହୁ ମୂଲ୍ୟବାନ ଗଛ ଓ ଔଷଧୀୟ ବୃକ୍ଷ ପୋଡି ନଷ୍ଟ ହୋଇଯାଉଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଚଳିତବର୍ଷ ବନ ବିଭାଗର ପୂର୍ବ ପ୍ରସ୍ତୁତି ନ ଥିବାରୁ ଜଙ୍ଗଲ ନିଆଁ ସହଜରେ ଅନ୍ୟ ଅଞ୍ଚଳକୁ ବ୍ୟାପି ଯାଉଥିବା ଅଭିଯୋଗ ହେଉଛି।